R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୦
ତିଥି: ପଞ୍ଚମୀ
୧୪ ନଭେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 40
14 November 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଆସାମର କାଜିରଙ୍ଗାରେ ଟ୍ରକ୍-ମିନିବସ୍ ଧକ୍କା

୨୬ ମୃତ, ୨୦ ଆହତ



ଗୁଆହାଟୀ, ୧୩।୧୧ : ଆସାମର କାଜିରଙ୍ଗା ନିକଟରେ ଗୁରୁବାର ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ

ଅନେକ ଆହତଙ୍କ ଅବସ୍ଥା ଗୁରୁତର

ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ପ୍ରାପ୍ତ ସୂଚନା ଅନୁଯାୟୀ, କାଜିରଙ୍ଗା ନିକଟ ରଙ୍ଗାଜାନ୍‌ଠାରେ ବୋକାଖାଟରୁ ନଗାଓଁ ଯାଉଥିବା ଏକ ମିନିବସ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ଦାର ଥିଲା ଯେ ମିନିବସ୍‌ଟି ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏଥିରେ ଅନେକ ଯାତ୍ରୀ ଗାଡ଼ି ଭିତରେ ଫସି ରହିଥିଲେ।

ଦୁର୍ଘଟଣା ପରେ ପୁଲିସ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୋଲାଘାଟ ଜିଲ୍ଲାର ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ସୂଚନା ଅନୁଯାୟୀ, ଡାକ୍ତରମାନେ ୨୬ ଜଣଙ୍କ ମୃତ୍ୟୁ ସ୍ପଷ୍ଟ କରିଛନ୍ତି। ମୃତକଙ୍କ ପରିଚୟ ଚିହ୍ନଟ କରାଯାଉଛି। ଗୋଲାଘାଟ ଜିଲ୍ଲାର ବରିଷ୍ଠ ପୁଲିସ ଅଧୀକ୍ଷକ ସ୍ୱପ୍ନନୀଳ ଡେକା କହିଛନ୍ତି ଯେ, ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଅତି କମ୍‌ରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ।

ଆହତମାନଙ୍କୁ କୋହୋରା ମଡେଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ଏସ୍‌ଏସ୍‌ପି ଡେକା କହିଛନ୍ତି ଯେ, ମିନିବସ୍‌ଟି ଅତ୍ୟଧିକ ବେଗରେ ଚାଲୁଥିଲା ଏବଂ ପାର୍କ ନିକଟରେ ଲାଗୁ (୯ ପୃଷ୍ଠାରେ)

୧୬ ସୁଦ୍ଧା ବାତ୍ୟା : ୧୮ରୁ ଓଡ଼ିଶାରେ ବର୍ଷା

ନଭେମ୍ବରରେ ଓଡ଼ିଶା ଅତିକ୍ରମ କରିଛି ୪ ବାତ୍ୟା

ଭୁବନେଶ୍ୱର, ୧୩।୧୧ (ସବୁ୍ୟ): ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ରହିଛି ଲଘୁଚାପ । ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆସନ୍ତାକାଲି(ଶନିବାର) ସୁଦ୍ଧା ଆହୁରି ସ୍ପଷ୍ଟ ଚିହ୍ନିତ ହେବା ସମ୍ଭାବନା ଅଛି । ଆସନ୍ତା ୧୫ବେଳକୁ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ଏହା ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା ଅଛି । ଏହା ପ୍ରଭାବରେ ଓଡ଼ିଶାରେ ୧୮ ତାରିଖରୁ ବର୍ଷା ଆରମ୍ଭ ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ୧୮ ଏବଂ ୧୯ ତାରିଖରେ ଓଡିଶା ଏବଂ ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ ଅଞ୍ଚଳର କିଛିଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଭାରି ବର୍ଷା (୭-୧୧ସେମି) ସମ୍ଭାବନା ରହିଛି । ତେବେ ୧୯୦୧ରୁ ୨୦୨୫ ମଧ୍ୟରେ ନଭେମ୍ବର ମାସରେ ଅର୍ଥାତ ୧୨୫ ବର୍ଷ ଇତିହାସରେ ବଙ୍ଗୋପସାଗରରେ ୪ଟି ବାତ୍ୟା କିମ୍ବା ତାଠାରୁ ଅଧିକ ତୀବ୍ରତା ସମ୍ପନ୍ନ ସିଷ୍ଟମ ଓଡିଶା ଉପକୂଳ ଅତିକ୍ରମ କରିଛି । ସେହି ବର୍ଷଗୁଡ଼ିକ ହେଉଛି, ୧୯୧୬, ୧୯୨୪, ୧୯୭୩ ଏବଂ ୧୯୯୫ ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ନିକଟରେ ଲଘୁଚାପ ଅବସ୍ଥିତ (ଚେନ୍ନାଇରୁ ପ୍ରାୟ ୯୬୦ କିମି ପୂର୍ବ-ଦକ୍ଷିଣପୂର୍ବ ଏବଂ ବିଶାଖାପାଟଣାରୁ ପ୍ରାୟ ୧୧୫୦ କିମି ପୂର୍ବ-ଦକ୍ଷିଣପୂର୍ବ)। ବିଶ୍ୱସ୍ତରୀୟ ମଡେଲଗୁଡ଼ିକର ସର୍ବସମ୍ମତ ଆକଳନ ଅନୁସାରେ ଏହା ୧୫ ନଭେମ୍ବରରେ ଅବପାତ ଏବଂ ୧୬-୧୭ ନଭେମ୍ବର ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସାମାନ୍ୟ ବାତ୍ୟା (ଘଣ୍ଟାପ୍ରତି ୭୫ କିମି) ରୂପ ନେଇପାରେ। ଉପକୂଳ ନିକଟରେ ବହୁଥିବା ବାୟୁ କାଟ (ଘଣ୍ଟାପ୍ରତି ୩୫ କିମିରୁ ଅଧିକ) ଏବଂ ଥଣ୍ଡା ଉପକୂଳବର୍ତ୍ତୀ ଜଳ ଏହାର ଅଧିକ ତୀବ୍ରତାକୁ ରୋକିବ ।

ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଏହା ସବଟ୍ରୋପିକାଲ୍ ରିଜ୍ର ଦକ୍ଷିଣ ପାଶ୍ୱର୍ ଦେଇ ଉତ୍ତର-ପଶ୍ଚିମ (୯ ପୃଷ୍ଠାରେ)

୨୯ରେ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ବୈଠକ

ଭୁବନେଶ୍ୱର, ୧୩।୧୧ (ସବୁ୍ୟ) : ଆସନ୍ତା ୨୯ ତାରିଖରେ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ବୈଠକ ଓଡ଼ିଶାରେ ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିବେ । ଓଡ଼ିଶା ସମେତ ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ସମ୍ଭାବନା ରହିଛି ।

ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ପ୍ରତିଷ୍ଠା, ମାମଲାର ତ୍ୱରିତ ଶୁଣାଣି ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଗତିଶୀଳ କରିବା, ପ୍ରତ୍ୟେକ ଗାଁରେ ନିର୍ଦ୍ଧାରିତ ଦୂରତ୍ୱ ମଧ୍ୟରେ ବ୍ୟାଙ୍କିଂ ସୁବିଧା ଉପଲବ୍ଧ କରାଇବା ନେଇ ଆଲୋଚନା ହେବ । ଶିକ୍ଷା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ଯୋଗାଣ ଓ ନଗର ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବାର ସମ୍ଭାବନା ରହିଛି ।

ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୧୨ରୁ ଆରମ୍ଭ

ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା

ପୂର୍ବାହ୍ନ ୯ ଟାରୁ ୧୧ ଟା ୩୦ ପର୍ଯ୍ୟନ୍ତ ପ୍ରଥମ ସିଟିଂ

କଟକ, ୧୩।୧୧ (ସବୁ୍ୟ):ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମାଟ୍ରିକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୧୨ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାତୃଭାଷା ବିଷୟରେ ପରୀକ୍ଷା ଦେବେ। ସେହିଭଳି ୧୫ ତାରିଖରେ ବିଜ୍ଞାନ, ୧୭ରେ ଗଣିତ, ୧୯ରେ ସାମାଜିକ ବିଜ୍ଞାନ, ୨୪ରେ ଦ୍ୱିତୀୟ ଭାଷା ଇଂରାଜୀ, ୨୫ରେ ହିନ୍ଦୀ ଓ ୨୭ ତାରିଖରେ ସଂସ୍କୃତି ବିଷୟରେ ପରୀକ୍ଷା କରାଯିବ। ଗଣିତ ବିଷୟ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ମିଳିବ। ରେଗୁଲାର ଏବଂ ଏକ୍ସରେଗୁଲାର ବର୍ଗର ପରୀକ୍ଷାର୍ଥୀ ସବୁ ବିଷୟରେ ପୂର୍ବାହ୍ନ ୯ଟା ଠାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ପରୀକ୍ଷା ଦେବେ। ଅନ୍ୟପକ୍ଷରେ ସଂସ୍କୃତ ମଧ୍ୟମା ଏବଂ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(ପ୍ରଥମ) ମଧ୍ୟ ୧୨ ତାରିଖରୁ ଆରମ୍ଭ ହେବ। ଏନେଇ ଶୁକ୍ରବାର ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ସହ ବିଜ୍ଞପ୍ତି ପ୍ରକାଶ ପାଇଛି। (୯ ପୃଷ୍ଠାରେ)

ଜଷ୍ଟିସ୍ ବିପି ରାଉତରାୟଙ୍କୁ ମୁଖ୍ୟ ବିଚାରପତି ଦାୟିତ୍ୱ



କଟକ, ୧୩।୧୧ (ସବୁ୍ୟ): ହାଇକୋର୍ଟ ମୁଖ୍ୟ ବିଚାରପତି ପଦରୁ ଜଷ୍ଟିସ୍ ହରିଶ୍ ଟଣ୍ଡନ ଅବସର ଗ୍ରହଣ କରିବାକୁ ଯାଉଥିବାବେଳେ ତାଙ୍କ ସ୍ଥାନରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ନିଯୁକ୍ତି ମିଳିଛି। ଆଜି ଏ ସଂକ୍ରାନ୍ତରେ କେନ୍ଦ୍ର ଆଇନ ମନ୍ତ୍ରାଳୟ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୧୬ରେ ଜଷ୍ଟିସ୍ ରାଉତରାୟ ଦାୟିତ୍ୱ ଗ୍ରହଣ (୯ ପୃଷ୍ଠାରେ)

19001/343/2627



Pradhan Mantri Awaas Yojna-Gramin
ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ
ଆବାସ ଯୋଜନା (ଗ୍ରାମୀଣ)
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ

ମୁଖ୍ୟ ଅତିଥି
ଶ୍ରୀ ଶିବରାଜ ସିଂହ ଚୌହାନ
କେନ୍ଦ୍ରମନ୍ତ୍ରୀ, କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ

ଗରିମାମୟ୍ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ
ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ
ଏବଂ
ସାଂସଦ ଓ ବିଧାୟକ ବୃନ ବଲାଙ୍ଗିର ଜିଲ୍ଲା
ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

୧୪ ନଭେମ୍ବର ୨୦୨୬ | ପୂର୍ବାହ୍ନ ୧୧:୦୦ | ପଥରଚେପା ପଡ଼ିଆ, ବଲାଙ୍ଗିର

OIPR: 19001/19001/2/26-27/0006

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର

চিত্রাঙ্গদা



ধানসুা- গ্লেস, ৪২া, ৫৩৯ ৭৫৯৭, চাপোর কুরতি, শতা ৫৯৯৩৫৪, ৩৯৯৭৫৯ ২৫া, ৫৩৮ ৫৯৯৩৫৪ ৩৯৯৭৫৯ ৯৫৯৯৫৯৭৫, শুল্ল ও ৫৩৯ ।

গ্রিশা- গ্লেস্থ ৫৯৯ ৫৯৭৫ ৫৩৯৫৯৭৫৯ । ৫৩৫৩৯৯৫ । ৯৯৫৯৭৫, চাপোর ৩ শতস্থ ৫৯৯ ৫৯৯৫ ৫৯৫ ৫৩৯৫৯৭৫৯ ৫৩৫ চাঁর চাপুন্থ । ৫৩৫৯ ৫৯৫ ৫৩৯৫৯৭৫৯ ৩৯৯৭৫৯৫৯৭৫ ৫৩৯৫৯৭৫৯ ৫৩৯৫৯৭৫৯ ৫৩৯৫৯৭৫৯

ଶିକ୍ଷକ, ଅଣଶିକ୍ଷକ ସଂଗଠନ ଦାବି ଉପରେ ଅଶୋକ ତ୍ରିପାଠୀ କମିଟି ସୁପାରିସ

୧୫ ସୁପାରିସକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

ଭୁବନେଶ୍ୱର, (ସବୁ୍ୟ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଦାନ ପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ସଂଘମାନଙ୍କର ବିଭିନ୍ନ ପ୍ରକାର ଦାବୀ ସମୂହର ଅନୁଶୀଳନ ନିମନ୍ତେ ଶ୍ରୀ ଅଶୋକ କୁମାର ତ୍ରିପାଠୀ, ଭାରତୀୟ ପ୍ରଶାସନିକ ସେବା (ଅବସର ପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିର ସୁପାରିଶକୁ ସଂପୃକ୍ତ ବିଭାଗଦ୍ୱୟ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଛନ୍ତି । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ୧୫ ଗୋଟି ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ହେଉଛି, ୨୦୧୩ ସରକାରୀ ବ୍ଲକ ଗ୍ରାଣ୍ଟର ଅନୁଦାନରୁ ବଞ୍ଚିତ ୧୯୪ଟି ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଅନୁଦାନଭୁକ୍ତ କରିବା । ସରକାରୀ ସ୍କୁଲରେ ପାର୍ଟ-ଟାଇମ୍ କଳା, ସଂଗୀତ ଓ କ୍ରୀଡ଼ା ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ୧୦ ହଜାର ଟଙ୍କାରୁ ୧୬ ହଜାର ଟଙ୍କାକୁ ବୃଦ୍ଧି କରିବା । ୬ ବର୍ଷ ପୂରଣ କରି ୨୦୨୨ ମସିହାରେ ନିୟମିତ ହୋଇଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟ TGT ଓ PET ଶିକ୍ଷକମାନଙ୍କୁ ବକେୟା ଦରମା ପ୍ରଦାନ କରିବା। ପ୍ରାଥମିକ ଶିକ୍ଷକମାନଙ୍କର ନିୟମିତ ପଦୋନ୍ନତି କରିବା । ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷା ସହାୟକମାନଙ୍କୁ ନିୟମିତ କରିବା । ପ୍ରଥମା ଓ ମଧ୍ୟମା ସଂସ୍କୃତ ଟୋଲ ଗୁଡ଼ିକରେ ନିୟମିତ ଶିକ୍ଷକ ନିଯୁକ୍ତି କରିବା । ସରକାରୀ ବିଦ୍ୟାଳୟରେ ଚାକିରୀ କରିଥିବା କ୍ଲାସିକାଲ୍ ଶିକ୍ଷକମାନଙ୍କୁ Trained Graduate (TG) ଶିକ୍ଷକ ଯୋଗ୍ୟତା ସାରଣୀରେ ଅନ୍ତର୍ଭୁକ୍ତ କରିବା । ପୂର୍ଣ୍ଣ ଅନୁଦାନପ୍ରାପ୍ତ ମଧ୍ୟମା ସଂସ୍କୃତ ଟୋଲ୍‌ରେ ଶିକ୍ଷକ ମୁତୟନ କରିବା । ଧନ୍ଦାମୂଳକ ପ୍ରଶିକ୍ଷକଙ୍କୁ ନିୟମିତ ଭାଗରେ ବେତନ ପ୍ରଦାନ କରିବା । ଓଡିଶା କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କୁ ଅଧିକ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ଦେବା । ଆଦର୍ଶ ବିଦ୍ୟାଳୟର ସମସ୍ତ ଆବାସିକ ଛାତ୍ରାବାସକୁ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା । ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କ ନିୟମିତ ଦରମା ପାଇବାର ବ୍ୟବସ୍ଥା କରିବା । ଆଦର୍ଶ ବିଦ୍ୟାଳୟର କର୍ମଚାରୀମାନଙ୍କ ପିଲାମାନଙ୍କୁ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ବ୍ୟବସ୍ଥା କରିବା । ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନିଯୁକ୍ତ TGT ଶିକ୍ଷକ ମାନଙ୍କର ପୂର୍ବ ଚାକିରିର ଗଣତି ଓ ବେତନର ସୁରକ୍ଷା କରିବା । ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ AI ଓ Robotics ପରୀକ୍ଷାଗାର ଖୋଲିବା । ବୈଠକରେ ବ୍ଲକ ଗ୍ରାଣ୍ଟ କର୍ମଚାରୀମାନଙ୍କ ପେନସନ୍ ଦାବୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା । କିନ୍ତୁ ଯେହେତୁ ଏହା ବର୍ତ୍ତମାନ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସକ୍ରିୟ ବିଚାରାଧିନ ଅଛି, ତେଣୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପ୍ରାପ୍ତି ହେବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।



ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

୧୬ରେ ଆସିବେ ଉପରାଷ୍ଟ୍ରପତି, ୨୪,୨୫ରେ ରାଷ୍ଟ୍ରପତିଙ୍କ ଗସ୍ତ

ଭୁବନେଶ୍ୱର (ସବୁ୍ୟ) : ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଚଳିତମାସ ୧୬ ତାରିଖରେ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ଓ ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସୁବ୍ୟବସ୍ଥିତ, ଶୃଙ୍ଖଳିତ ଏବଂ ସମନ୍ୱୟରେ ସଫଳ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ କଟକରେ ସଡ଼କପଥ ଯାତ୍ରା ସମୟରେ କାରକେଡ୍ ଯାତାୟାତ ଓ ଟ୍ରାଫିକ୍ ପରିଚାଳନା ସଂପର୍କରେ ଆଲୋଚନା କରାଯାଇଛି । ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ବିଭାଗ ପକ୍ଷରୁ ମଧ୍ୟ ଏଥି ନେଇ ମଧ୍ୟ ଏକ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ ।

ଉପରାଷ୍ଟ୍ରପତି ନଭେମ୍ବର ୧୬ ତାରିଖ ସକାଳେ ନୂଆ ଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବେ । ଏହି ଗସ୍ତ ପରିପ୍ରେକ୍ଷୀରେ ସେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନ କରିବେ । ସେଠାରେ ପ୍ରାୟ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି । ପରେ ପରେ ଉପରାଷ୍ଟ୍ରପତି ମଧ୍ୟାହ୍ନରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାଓ୍ୱାର (ଏକାଡେମିକ୍ ବିଲ୍ଡିଂ) ଉଦଘାଟନ କରି ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବେ ।



ସେହିପରି ରାଷ୍ଟ୍ରପତି ନଭେମ୍ବର ୨୪ ତାରିଖରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ବିମାନ ବନ୍ଦରରୁ ବାହାରି ମଧ୍ୟାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସେଠାରୁ ଲୋକଭବନ ଯିବେ । ସେହିଦିନ ସନ୍ଧ୍ୟାରେ କଟକ ଠାରେ ଆୟୋଜିତ ବାଲିଯାତ୍ରା କଟକ ଉତ୍ସବ-୨୦୨୬ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଉତ୍ସବ ପରେ ସେ ଭୁବନେଶ୍ୱର ଫେରି ରାତ୍ର ରହଣି କରିବେ । ନଭେମ୍ବର ୨୫ ତାରିଖ ସକାଳେ ଭୁବନେଶ୍ୱରସ୍ଥିତ ଡା. ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଜାତୀୟ ହୋମିଓପାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଅପରାହ@ରେ ରାଷ୍ଟ୍ରପତିଙ୍କର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଉଭୟ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ରହଣି, ଯାତାୟାତ, କାରକେଡ୍ ପରିଚାଳନା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବ୍ୟବସ୍ଥା, ରାସ୍ତା ମରାମତି, ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଓ ଜଳଯୋଗାଣ, ବ୍ୟାରିକେଡିଂ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା । ଏଥିପାଇଁ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଖୋର୍ଦ୍ଧା ଓ କଟକ ଜିଲ୍ଲାପାଳଙ୍କୁ ସାମଗ୍ରିକ ଭାବେ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦିଆଯାଇଛି । ଭୁବନେଶ୍ୱରରେ ପୁଲିସ୍ କମିଶନର, ଭୁବନେଶ୍ୱର-କଟକ ଏବଂ କଟକରେ ଡିସିପି କଟକ ସୁରକ୍ଷା ଦାୟିତ୍ୱ ତଦାରଖ କରିବେ । ସାମଗ୍ରିକ ଭାବେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ(ଡିଜିପି) ସୁରକ୍ଷା ବ୍ୟବସ୍ଥା ତଦାରଖ କରିବେ । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଗସ୍ତସୂଚୀ ଉପସ୍ଥାପନା କରି ଆଲୋଚନା କରିଥିଲେ । ବୈଠକରେ ଡିଜିପି ବିନୟତୋଷ ମିଶ୍ର, ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ସମେତ ସଂପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

ସ୍କୁଲପିଲା ନେଇ ଯାଉଥିବା ଅଟୋକୁ ଧକ୍କା ଦେଲା ଆମ ବସ୍

୬ ଛାତ୍ରଛାତ୍ରୀ ଆହତ, ଦୁଇ ଗୁରୁତର; ବସ୍ ଚାଳକ ଗିରଫ

ଖୋର୍ଦ୍ଧା, (ସବୁ୍ୟ): ୧୬ ନମ୍ବର ଜାତୀୟ ରାଜପଥ ର ଆମ ବସ୍ ଓ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଏକ ଅଟୋ ମଧ୍ୟରେ ଦୁର୍ଘଟଣା ଘଟି ୬ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏଥିସହ ଅଟୋ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଆହତ ଛାତ୍ରଛାତ୍ରୀମାନେ ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। ଦୁଇଜଣ ଛାତ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲା ର ସାଇଶିବମ୍ ସେନାପତି (୧୪), ଆୟୁଷ ସ୍ୱାଇଁ, ଓମ୍‌ପ୍ରସାଦ ସାହୁ, ସାଇ ଶିବାନୀ ସାହୁ, ସମ୍ପର୍ଣ୍ଣା ପାଇକରାୟ ଓ ପଦ୍ମାଳୟା ଜେନା ରହିଛନ୍ତି। ତେବେ ଗୁରୁତର ଆହତ ଓମ୍‌ପ୍ରସାଦ ସାହୁ ଏବଂ ପଦ୍ମାଳୟା ଜେନାଙ୍କୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅଟୋ ଚାଳକ ଖୋର୍ଦ୍ଧା ଶ୍ରୀବିହାର ର ଦିଲିପ ନିଶଙ୍କ (୨୭) ଓ ଆମ ବସ ଡ୍ରାଇଭର ସଦାନନ୍ଦ ବେହେରା (୫୦) ମଧ୍ୟ ଆହତ ହୋଇଛନ୍ତି।



ଦୁର୍ଘଟଣା ପରେ ଇନ୍‌ଫୋଭ୍ୟାଲି ଓ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଆମ ବସ୍ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ତାଙ୍କୁ ଘେରାଉ କରିଥିଲେ।ପ ୁଲିସ ଉତ୍ୟକ୍ତ ଲୋକଙ୍କ କବଳରୁ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପରେ ନିଜ ହେପାଜତକୁ ନେଇଥିଲା। ଏହି ଘଟଣାରେ ଆମ ବସ୍ ଚାଳକ ସଦାନନ୍ଦଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏହି ଘଟଣା ସ୍କୁଲ ଛାତ୍ରଛାତ୍ରୀଙ୍କ ଯାତାୟାତ ସୁରକ୍ଷାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ବସ୍ ଚାଳକ ମଦ୍ୟପାନ କରିଥିବା ଅଭିଯୋଗର ସତ୍ୟତା ତଦନ୍ତ ଓ ଡାକ୍ତରୀ ପରୀକ୍ଷା ପରେ ସ୍ପଷ୍ଟ ହେବ ବୋଲି ପୁଲିସ ପ୍ରକାଶ କରିଛି ।

ନିରାକାରପୁର ଷ୍ଟେସନରେ ଦାବିପତ୍ର ପ୍ରଦାନ ପରେ ଧାରଣା ପ୍ରତ୍ୟାହୃତ

ନିରାକାରପୁର(ସବୁ୍ୟ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ନେଇ ଆଜି ଧାରଣା ଦେବାକୁ ପୂର୍ବରୁ ସ୍ଥିର ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ସକାଳୁ ଷ୍ଟେସନ ପରିସରରେ ବ୍ୟାପକ ପ୍ରସ୍ତୁତି ଦେଖିବାକୁ ମିଳିଥିଲା । ଧାରଣା ଚେତାବନୀକୁ ଗୁରୁତ୍ୱ ଦେଇ ରେଳବାଇ ପୋଲିସ, ସ୍ଥାନୀୟ ପୋଲିସ ଏବଂ ରେଳବାଇର ବିଭିନ୍ନ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ ।ତେବେ ଧାରଣା ସ୍ଥଳରେ ଆନ୍ଦୋଳନକାରୀ କିମ୍ବା ସାଧାରଣ ଜନତା ଭିଡ଼ ଜମାଇ ନଥିବାବେଳେ, କିଛି ଡେଲି ପାସେଞ୍ଜର ବା ଦୈନନ୍ଦିନ ଯାତ୍ରୀମାନେ ଆସି ସେମାନଙ୍କର ୧୦ ଦଫା ସମ୍ବଳିତ ଦାବିପତ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ । ଯାତ୍ରୀମାନଙ୍କ ପକ୍ଷରୁ ଦାବିପତ୍ର ଦିଆଯିବା ପରେ ପ୍ରସ୍ତାବିତ ଧାରଣା କାର୍ଯ୍ୟକ୍ରମକୁ ପ୍ରତ୍ୟାହୃତ କରାଯାଇଥିଲା ।

ସ୍ୱାୟତ୍ତଶାସନ ସଂସ୍ଥା ଗୁଡ଼ିକରେ ଏସ୍‌ଇବିସିଙ୍କ ପ୍ରତିନିଧିତ୍ୱ

ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର କମିଶନ ଗଠନ କଲେ ରାଜ୍ୟ ସରକାର

ଭୁବନେଶ୍ୱର, (ସବୁ୍ୟ): ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ସରକାର ମାନ୍ୟବର ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ (ଅବସରପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଏହି ସ୍ୱତନ୍ତ୍ର କମିଶନ ଗଠନ କରାଯାଇଛି । ଏଥିନିମନ୍ତେ ଏକ ବୈଠକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସିଆରପି ଛକସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ କମିଶନ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି । ଗଠନ ହେବା ପରଠାରୁ, ଏସ୍‌ଇବିସି ପ୍ରତିନିଧିତ୍ୱ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଏବଂ ଆକଳନ ପ୍ରକ୍ରିୟାର ପଦ୍ଧତି ଉପରେ ବିଚାରବିମର୍ଶ କରିବା ପାଇଁ କମିଶନ ଏକାଧିକ ବୈଠକ ଅନୁଷ୍ଠିତ କରିସାରିଛନ୍ତି । ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକରେ ଏସ୍‌ଇବିସି ବର୍ଗର ପ୍ରତିନିଧିତ୍ୱ ଯାଞ୍ଚ କରିବା ଏବଂ ତୃଣମୂଳ ସ୍ତରୀୟ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକରେ ସେମାନଙ୍କର ଅଂଶଗ୍ରହଣ ସୁନିଶ୍ଚିତ କରିବା ନିମନ୍ତେ ଆନୁପାତିକ ସଂରକ୍ଷଣର ଆବଶ୍ୟକତା ଆକଳନ କରିବା ଦାୟିତ୍ୱ ଏହି କମିଶନଙ୍କ ଉପରେ ନ୍ୟସ୍ତ କରାଯାଇଛି । ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବିଜୟ କୁମାର ପୃଷ୍ଟିଙ୍କୁ ଏହି କମିଶନର ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବା ବେଳେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ତଥା ପଛୁଆ ବର୍ଗ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସୁଜାତା ମିଶ୍ର ଙ୍କୁ ଏହାର ସଦସ୍ୟ ସଚିବ ଭାବେ ନିଯୁକ୍ତ କରାଯାଇଛି ।

ଆଲୋଚନା ସମୟରେ, ସ୍ଥାନୀୟ ସ୍ୱାୟତ ଶାସିତ ସଂସ୍ଥାଗୁଡ଼ିକରେ ବର୍ଗର ପ୍ରକୃତ ପ୍ରତିନିଧିତ୍ୱ ନିର୍ଦ୍ଧାରଣ କରିବା ପାଇଁ ବିସ୍ତୃତ ସୂଚନା ଏବଂ ଜିଲ୍ଲାୱାରୀ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ଉପରେ କମିଶନ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ରାଜ୍ୟବ୍ୟାପୀ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକରେ 'ଅଣ-ସଂରକ୍ଷିତ' ବର୍ଗ ଅଧୀନରେ ନିର୍ବାଚିତ ହୋଇଥିବା ଏସ୍‌ଇବିସି ସଦସ୍ୟମାନଙ୍କ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଜିଲ୍ଲାୱାରୀ ତଥ୍ୟ, ଓଡ଼ିଶାର ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାଗୁଡ଼ିକରେ ଏସ୍‌ଇବିସି ବର୍ଗର ପ୍ରକୃତ ରାଜନୈତିକ ପ୍ରତିନିଧିତ୍ୱ ସମ୍ପର୍କରେ ପ୍ରମାଣ-ଆଧାରିତ ଆକଳନ କରିବାକୁ କମିଶନଙ୍କୁ ସକ୍ଷମ କରିବ । ଏହା ସହିତ, ପ୍ରଚଳିତ ସାମ୍ବିଧାନିକ ଓ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଏହି ବିଷୟ ଉପରେ ଅଧିକ ଯାଞ୍ଚ କରିବାକୁ ମଧ୍ୟ ସହାୟକ ହେବ । ସରକାରୀ ଯୋଗାଯୋଗ ଏବଂ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ପାଇଁ, କମିଶନଙ୍କ ନିର୍ଦ୍ଦିଷ୍ଟ ଇ-ମେଲ୍ ଆଇଡି (sebccommission@gmail.com) ମାଧ୍ୟମରେ ଯୋଗାଯୋଗ କରାଯାଇପାରିବ ।

ବେଆଇନ ବାଇକ୍ ଟ୍ୟାକ୍ସି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ

ଉବେର ଓ ରାପିଡୋକୁ କ୍ରାଇମବ୍ରାଞ୍ଚ ନୋଟିସ୍

କଟକ,(ସବୁ୍ୟ): ଉବେର ଓ ରାପିଡୋ ଭଳି ସଂସ୍ଥା ଘରୋଇ ଦୁଇଚକିଆ ଯାନକୁ ବେଆଇନ ଭାବେ ବ୍ୟବସାୟିକ ବାଇକ୍ ଟ୍ୟାକ୍ସି ଭାବେ ଚଳାଇବା ବିରୋଧରେ କ୍ରାଇମବ୍ରାଞ୍ଚ କଠୋର ପଦକ୍ଷେପ ଗ୍ରହଣ କରିଛି । କ୍ରାଇମବ୍ରାଞ୍ଚର ଅପରାଧ ଅନୁସନ୍ଧାନ ବିଭାଗ ପକ୍ଷରୁ ମେସର୍ସ ଉବେର ଇଣ୍ଡିଆ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ରାପିଡୋକୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଛି । ଓଡ଼ିଶା ମଧ୍ୟରେ ସେମାନଙ୍କ ମୋବାଇଲ୍ ଆପ୍ଲିକେସନରୁ ବେଆଇନ ଅଣ-ପରିବହନ ଦୁଇଚକିଆ ଯାତ୍ରୀ ପରିବହନ ସୁବିଧାକୁ ତୁରନ୍ତ ବନ୍ଦ କରିବାକୁ ପରିବହନ କମିଶନରଙ୍କୁ ପତ୍ର ଜରିଆରେ କୁହାଯାଇଛି । କଟକ, ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦାଖଲ କରାଯାଇଥିବା ସ୍ୱତନ୍

୧୬ ଜିଲ୍ଲାରେ ମାଫତଲାଲ ଟେକ୍ନୋଲୋଜିସର ୫୦୦ ରୋବୋଟିକ୍ସ ଲ୍ୟାବ୍ ସ୍ଥାପନ

ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଆଧୁନିକ ପ୍ରଯୁକ୍ତି ଓ ଅଭିଜ୍ଞତାଭିତ୍ତିକ ଶିକ୍ଷାର ପ୍ରସାର ଦିଗରେ ମାଫତଲାଲ



ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ରାଜ୍ୟର ୧୬ଟି ଜିଲ୍ଲାରେ କମ୍ପାନୀ ପକ୍ଷରୁ ୫୦୦ଟି ରୋବୋଟିକ୍ସ ଲାବୋରେଟୋରି ସ୍ଥାପନ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ପାଞ୍ଚ ଦିନିଆ ଶିକ୍ଷା ପ୍ରଦର୍ଶନୀ "ସୁରଭି-୨୦୨୬'ରେ ଏହି ଲ୍ୟାବ୍ ସହ ଅତ୍ୟାଧୁନିକ ଶିକ୍ଷା ପ୍ରଯୁକ୍ତିର ପ୍ରଦର୍ଶନ କରାଯାଇଥିଲା । ମାଫତଲାଲ ପକ୍ଷରୁ ପ୍ରଦର୍ଶିତ ଏକ୍ସପେରିଏନ୍ସିଆଲ୍ ରୋବୋଟିକ୍ସ ଲ୍ୟାବ୍ ଛାତ୍ରଛାତ୍ରୀଙ୍କୁ ରୋବୋଟିକ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି), କୋଡିଂ, ଇଲେକେଟ୍ରୋନିକ୍ସ ଓ ୩ଡି ପ୍ରିଣ୍ଟିଂ ଭଳି ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ପ୍ରାୟୋଗିକ ଶିକ୍ଷାର ସୁଯୋଗ ପ୍ରଦାନ କରିଥିଲା । ଏହି ପଦକ୍ଷେପ ସମ୍ପର୍କରେ ମାଫତଲାଲ ଟେକ୍ନୋଲୋଜିସର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଦ୍ୟାଳୟ ଶିକ୍ଷାରେ ନୂତନ ପ୍ରଯୁକ୍ତିର ସମନ୍ୱୟ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଭିଜ୍ଞତାଭିତ୍ତିକ ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି କରୁଛି । ଅନ୍ୟପକ୍ଷରେ, ଓସିଏସିର ସିଇଓ ପ୍ରଦୀପ କୁମାର ରାଉତ ରୋବୋଟିକ୍ସ ଲ୍ୟାବର ଉଦ୍‌ଘାଟନ ଅବସରରେ କହିଥିଲେ ଯେ, ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ପାଇଁ ବିଦ୍ୟାଳୟ ସ୍ତରରୁ ହିଁ ପ୍ରଯୁକ୍ତିଭିତ୍ତିକ ଶିକ୍ଷା ଓ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ ।

କିଟ୍ ରେ ପୂର୍ବାଞ୍ଚଳ ଏନ୍‌ଏସ୍‌ଏସ୍ ପ୍ରାକ୍-ଗଣତନ୍ତ୍ର ଦିବସ ପରେଡ୍ ଶିବିର ଉଦ୍‌ଘାଟିତ

୧୦ ରାଜ୍ୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଯୋଗଦାନ

ଭୁବନେଶ୍ୱର, (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାଞ୍ଚଳ ଏନ୍‌ଏସ୍‌ଏସ୍ ପ୍ରାକ୍ ଗଣତନ୍ତ୍ର ଦିବସ ପରେଡ୍ ଶିବିର-୨୦୨୬ ଉଦ୍‌ଘାଟିତ ହୋଇଛି । ନଭେମ୍ବର ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟ ଓ କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହେଉଛି । ଏଥିରେ ପୂର୍ବାଞ୍ଚଳର ୧୦ଟି ରାଜ୍ୟରୁ ପ୍ରାୟ ୨୦୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ମଣିପୁର ଓ ମେଘାଳୟ ସମେତ ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଏନ୍‌ଏସ୍‌ଏସ୍‌ର ବହୁ ବରିଷ୍ଠ ଅଧିକାରୀ, ଅତିଥି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି,ଉପକୁଳପତି ପ୍ରଫେସର ଦେବାଶିଷ ବାନାର୍ଜୀ ଏବଂ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅର୍ଜିତ କୁମାର କୁଶୱାହା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇବା ସହ ଏହି ଶିବିର ଯୁବପିଢ଼ିଙ୍କ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ। ଏହି ଶିବିରର ଅନୁଭୂତି ସ୍ୱେଚ୍ଛାସେବୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଦକ୍ଷତାର ବିକାଶରେ ସହାୟକ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ। ଶିବିରରେ ଓଡ଼ିଶାରୁ ୫୨ ଜଣ, ଆସାମରୁ ୩୮ ଜଣ ଏବଂ ମେଘାଳୟରୁ ୧୪ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି । ଏହି ୧୦ ଦିନିଆ ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଶାରୀରିକ ସୁସ୍ଥତା ଓ ଜାତୀୟ ସେବା ମନୋଭାବର ବିକାଶ ପାଇଁ କଠୋର ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଗଣତନ୍ତ୍ର ଦିବସ ପରେଡ୍ ଚୟନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ପ୍ରତିଭାବାନ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ ଓ ପ୍ରସ୍ତୁତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ତୀବ୍ର ପ୍ରଶିକ୍ଷଣ ଅଧିବେଶନ, ମାର୍ଚ୍ଚ, ପରେଡ୍ ଅଭ୍ୟାସ, ଶାରୀରିକ ବ୍ୟାୟାମ ଓ ଅନ୍ୟାନ୍ୟ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହା ସହ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ଭାବ ବିନିମୟ ଓ ଜାତୀୟ ଏକତା ଭାବନାକୁ ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି ହେବ। ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, ଶୃଙ୍ଖଳା, ନେତୃତ୍ୱ ଓ ସାମାଜିକ ସେବାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କିଟ୍-ଡିୟୁର ଏନ୍‌ଏସ୍‌ଏସ୍ ଲିଆଜନ୍ ଅଫିସର ଡ. ସ୍ମୃତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଭଦ୍ରକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ପୁରା ପୋଲିସର ୨ ମୃତ, ୨ ଗୁରୁତର

ବାସୁଦେବପୁର/ଅସ୍ତରଙ୍ଗ, (ସବ୍ୟୁ) : ଭଦ୍ରକ ଜିଲ୍ଲା ବାସୁଦେବପୁର-ଧାମରା ମୁଖ୍ୟ ରାସ୍ତାର ବିରସ ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ପୋଲିସ ଭ୍ୟାନ ସହ ଲୁହା ପ୍ଲେଟ ବୋଝେଇ ଟ୍ରେଲରର ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ପୋଲିସ କନଷ୍ଟେବଳଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ସୁନ୍ଦରଗଡ଼ ଜିଲ୍ଲାର କନଷ୍ଟେବଳ ଅଜୟ ବାଗ ଏବଂ ଝାରସୁଗୁଡ଼ା ଜିଲ୍ଲାର କନଷ୍ଟେବଳ ହିମାଂଶୁ ରାୟ । ଆହତ ହେଲେ ଅସ୍ତରଙ୍ଗ ଥାନାର ଏସଆଇ ଦିବ୍ୟ ରଞ୍ଜନ ସାହୁ ଏବଂ ହୋମଗାର୍ଡ ପ୍ରଶାନ୍ତ ଜେନା । ପୁରା ଜିଲ୍ଲା ଅସ୍ତରଙ୍ଗ ଥାନାର ଏକ ପୋଲିସ ଟିମ ଏକ ମୋବାଇଲ ଫୋନ ଚୋରି ମାମଲାର ତଦନ୍ତ ପାଇଁ ଭଦ୍ରକ ଜିଲ୍ଲା ନାୟକାଣିଡିହି ଥାନା ଅଞ୍ଚଳକୁ ଆସିଥିଲେ । ତଦନ୍ତ କାର୍ଯ୍ୟ ସାରି ବାସୁଦେବପୁର ଅଭିମୁଖେ ଫେରୁଥିବା ବେଳେ ବିରସ ଛକ ନିକଟରେ ଧାମରା ଆଡ଼କୁ ଯାଉଥିବା ଏକ ଦ୍ରୁତଗାମୀ ଲୁହା ବୋଝେଇ ଟ୍ରେଲର ଭାରସାମ୍ୟ ହରାଇ ପୋଲିସ ଭ୍ୟାନକୁ ସାମ୍ନାରୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ପୋଲିସ ଭ୍ୟାନଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଥିଲା ଏବଂ ଭିତରେ ଥିବା ପୋଲିସ କର୍ମଚାରୀମାନେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଏବଂ ବାସୁଦେବପୁର ଅଗ୍ନିଶମ ବିଭାଗ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ୨ ଜଣଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏସଆଇ ଦିବ୍ୟ ରଞ୍ଜନ ସାହୁଙ୍କୁ ବର୍ତ୍ତମାନ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ହୋମଗାର୍ଡ ପ୍ରଶାନ୍ତ ଜେନା ଏସସିବିରେ ଚିକିତ୍ସାଧୀନ ଅଛନ୍ତି । ପୁରୀ ଏସପି ନିଜେ ଏସସିବି ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ନାୟକାଣିଡିହି ପୋଲିସ ଟ୍ରେଲର ଟ୍ରକ୍‌କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି । ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



ପେଚାକୁ ବଞ୍ଚାଇବାକୁ ଥାନାରେ ସହଯୋଗ ଲୋଡ଼ିଲେ ଯୁବକ, ନନ୍ଦନକାନନରେ ଛଡ଼ାଗଲା ଲକ୍ଷ୍ମୀ ପେଚା

ବାରଙ୍ଗ,(ସବ୍ୟୁ): ତ୍ରିଶୁଳିଆ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଏକ ଲକ୍ଷ୍ମୀ ପେଚାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଛଡ଼ାଯାଇଛି । ଏଥିପାଇଁ ଉଦ୍ଧାରକାରୀ ବ୍ୟକ୍ତି ଜଣକ ନନ୍ଦନକାନନ ଥାନାରେ ସହଯୋଗ ଲୋଡ଼ିଥିଲେ । ଥାନା ପକ୍ଷରୁ ସହଯୋଗ ମିଳିବା ପରେ ପେଚାଟିକୁ ସୁରକ୍ଷିତ ଭାବେ ପ୍ରାଣୀ ଉଦ୍ୟାନରେ ଛଡ଼ାଯାଇପାରିଲା । ଶୁକ୍ରବାର ସକାଳେ ତ୍ରିଶୁଳିଆ ଅଞ୍ଚଳରେ ଜଣେ ବ୍ୟକ୍ତି ନିକଟରେ ଏହି ଲକ୍ଷ୍ମୀ ପେଚାଟି ପଡ଼ିଥିବା ଦେଖିବାକୁ ପାଇଥିଲେ । ପେଚାଟି ଉଡ଼ି ପାରୁ ନଥିଲା, ଅସହାୟ ଅବସ୍ଥାରେ ଛଟପଟ ହେଉଥିଲା । ଏହା ଦେଖି ସେ ପେଚାଟିକୁ ଏକ କାର୍ଟନ ବାକ୍ସରେ ସାଇତି ରଖିଥିଲେ । ଶେଷରେ ସେ ନନ୍ଦନକାନନ ଥାନାରେ ପହଞ୍ଚି ପେଚାଟିକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଛାଡ଼ିବା ପାଇଁ ସହଯୋଗ ଲୋଡ଼ିଥିଲେ । ଥାନା ପକ୍ଷରୁ ତୁରନ୍ତ ସହଯୋଗ କରାଯାଇ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲା । ଏହା ପରେ ପେଚାଟିକୁ ପ୍ରାଣୀ ଉଦ୍ୟାନରେ ହସ୍ତାନ୍ତର କରାଯାଇଥିଲା ।

କିସ୍ ବିଶ୍ୱବିଦ୍ୟାଳୟର ଷଷ୍ଠ ବାର୍ଷିକ ସମାବର୍ତ୍ତନ

ଜିଜ୍ଞାସୁ ହୁଅ, ସମାଜ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖ : ଆଇସିଜେ ପ୍ରେସିଡେଣ୍ଟ

ଭୁବନେଶ୍ୱର, (ସବ୍ୟୁ): କିସ୍ ବିଶ୍ୱବିଦ୍ୟାଳୟର ଷଷ୍ଠ ବାର୍ଷିକ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜସେବା, ଶିକ୍ଷା, ନ୍ୟାୟ ଓ ମହିଳାସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ଜଜ୍ ଇୱାସାୱା ୟୁଜି, ଆଇସିଜେର ଜଜ୍ ବୋଗଦାନ-ଲୁସିଆନ୍ ଆଉରେସ୍କୁ ଓ ଲିଓନାର୍ଡୋ ନେମର କାଲଡେଇରା ବ୍ରାଣ୍ଟ, ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହତକର, ଉତ୍ତରପ୍ରଦେଶସ୍ଥିତ ପଣ୍ଡିତ ରାମ ନାରାୟଣ ଶର୍ମା ଏଜୁକେସନାଲ୍ ଟ୍ରଷ୍ଟ ଓ ଆରଏନ୍‌ଏସ୍ ୱାର୍ଲ୍ଡ ସ୍କୁଲ୍‌ର ଅଧ୍ୟକ୍ଷା ଡ. ଅନୁରାଧା ଶର୍ମା (ମାତାଜୀ) ଏବଂ କଟକସ୍ଥିତ ଜୟଭାରତ ଫାଉଣ୍ଡେସନ୍ ଓ ଭାରତ ମସଲାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆଇସିଜେର ପ୍ରେସିଡେଣ୍ଟ ଜଜ୍ ଇୱାସାୱା ୟୁଜିଙ୍କୁ ୨୦୨୪ ବର୍ଷ ପାଇଁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ



ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଜଜ୍ ଇୱାସାୱା ଡିଗ୍ରୀଧାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଛାତ୍ରଛାତ୍ରୀମାନେ ସର୍ବଦା ଜିଜ୍ଞାସୁ ରହିବା ସହ ନିଜ ସମାଜ ଓ ସମୁଦାୟର ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ ।

ଅନ୍ୟତମ ଅତିଥି ଲୁସିଆନ୍ ଆଉରେସ୍କୁ କହିଲେ, ଶିକ୍ଷାଦାନ ହେଉଛି ସମାଜସେବାର ସବୁଠାରୁ ବଡ଼ ଓ ସୁନ୍ଦର ମାଧ୍ୟମ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ସବୁବେଳେ ନିଜ ବୃତ୍ତିରେ ଆନନ୍ଦ ରୁହ । ଏହା ତୁମକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ । କିସ୍ ହେଉଛି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଉତ୍କର୍ଷ ଶିକ୍ଷା ଓ ସାମାଜିକ ପରିବର୍ତ୍ତନରେ କିଟ୍ ଓ କିସ୍ ପ୍ରତିବଦ୍ଧତା ସ୍ୱତନ୍ତ୍ର ଓ ଅନୁକରଣୀୟ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଶ୍ରୀମତୀ ରାହତକର କହିଲେ, ସନ୍ଥକବି ଭୀମଭୋଇଙ୍କ ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଉକ୍ତିର ଯଥାର୍ଥ ପ୍ରତିଫଳନ କିସ୍‌ରେ ହୋଇଛି । ଏହି କାର୍ଯ୍ୟକ୍ରମରେ ମୋଟ ୪୪୩ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ୨୬ ପିଏଚ୍‌ଡିଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ର ଭାବେ ଇଙ୍କେଡେଶ୍ୱର କନ୍ଦଗରିଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିସ ସମ୍ପାଦକ ଆର ଏନ ଦାଶ, କିଟ ସମ୍ପାଦକ ମନୋରଞ୍ଜନ ପ୍ରଧାନ, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଦୀପକ ବେହେରା, କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଥାର୍ ଗାଡି ସହ ଦୁଇ ବନ୍ଧୁକ, ଗୁଳି ଜବତ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠରେ ବନ୍ଧୁକ କାରବାର କରୁଥିବା ଅଭିଯୁକ୍ତ ବିଶ୍ୱଜିତ ବେହେରାକୁ କମିଶନରେଟ୍ ପୋଲିସ ସ୍ୱତନ୍ତ୍ର କ୍ରାଇମ୍‌ୟୁନିଟ୍ ଗିରଫ କରିଛି । ସେ ବ୍ୟବହାର କରୁଥିବା ଥାର୍ ଗାଡି, ଦୁଇଟି ସେମି ଅଟୋମେଟିକ୍ ବନ୍ଧୁକ, ୧୦ ରାଉଣ୍ଡ ଗୁଳି ଓ ଟଙ୍କା ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କ୍ରାଇମ୍‌ୟୁନିଟ୍ ମୁଖ୍ୟ ଅନୁପ କାନୁନଗୋ ସୂଚନା ଦେଇଛନ୍ତି । ବିଶ୍ୱଜିତ ଘର ନିଆଳି ଗୋବିନ୍ଦପୁର ଲୋଧା ଗ୍ରାମରେ ହୋଇଥିବା ବେଳେ ସେ ବାଲି ମାଫିଆ ଭାବେ କାମ କରେ । ଗତ କିଛିଦିନ ତଳେ ବନ୍ଧୁକରୁ ଫାଙ୍କା ଗୁଳିଚାଳନା କରି ତାହାକୁ ଭିଡିଓ କରିଥିଲା । ଭାଇଗିରି ଦେଖାଇବା ପାଇଁ ସେହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରାଇବା ପରେ ତାହା ସ୍ପେଶାଲ କ୍ରାଇମ୍‌ୟୁନିଟ୍ ନଜରକୁ ଆସିଥିଲା । କ୍ରାଇମ୍‌ୟୁନିଟ୍ ବିଚକ୍ଷଣ ଭାବେ ଛାନ୍‌ଭିନ୍ କରି ବିଶ୍ୱଜିତକୁ ଚିହ୍ନଟ କରି ତାକୁ ଗିରଫ କରିବାରେ ସମର୍ଥ ହୋଇଥିଲା । ଗତ କିଛିଦିନ ହେବ ରାଜଧାନୀରେ ଖୁଲମଖୁଲା ଅଭିଯୁକ୍ତମାନେ ବନ୍ଧୁକ ବ୍ୟବହାର କରୁଥିବାରୁ ସ୍ପେଶାଲ କ୍ରାଇମ୍‌ୟୁନିଟ୍ ତା'ଉପରେ ସ୍ୱତନ୍ତ୍ର ନଜର ରଖି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫାଙ୍କା ଗୁଳିଚାଳନାକୁ ଗୁରୁତର ଭାବେ ବିଚାରକୁ ନେଇ ସଫଳ ହୋଇଛି । ବିଶ୍ୱଜିତ ବେହେରା ବିହାର ମୁଙ୍ଗେରରୁ ଅତି କମ୍ ଦାମ୍‌ରେ ସେମି ଅଟୋମେଟିକ୍ ବନ୍ଧୁକ ଆଣି କଟକ, ଭୁବନେଶ୍ୱରରେ ୪୫ରୁ ୫୦ ହଜାର ଟଙ୍କାରେ ବିକ୍ରି କରିବା ସହ ନିଜ ପାଖରେ ରଖି ପତିଆରା ଜାହିର କରୁଥିଲା । ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

୧୪ରେ କଂଗ୍ରେସ ପକ୍ଷରୁ ସମବାୟ ସପ୍ତାହ ପାଳନ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଧୁନିକ ଭାରତର ନିର୍ମାତା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୭୫ ତମ ଜୟନ୍ତୀ ଓ ୭୩ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟର ପ୍ରତି ଜିଲ୍ଲା କଂଗ୍ରେସ କମିଟି ଓ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ମିଳିତ ସହଯୋଗରେ ଭାରତର ସମବାୟ ଆନ୍ଦୋଳନରେ

ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଭଞ୍ଜନଗର ଗସ୍ତ କରି ବାତ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ବାଉଁଶଲୁଣ୍ଡି ଅଞ୍ଚଳରେ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଘରଗୁଡ଼ିକର ଭଙ୍ଗାଯିବା ଓ ପୁନର୍ବାସ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ । ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମିଳିଥିବା ସହାୟତାର ସମ୍ପୂର୍ଣ୍ଣ ଓ ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ପାଇଁ ଗୃହ ନିର୍ମାଣ ସହାୟତା ଅନୁମୋଦନ କରାଯାଇଥିବା ସୂଚନା ଦେଇଥିଲେ । ଜମିହୀନ ପରିବାରଗୁଡ଼ିକୁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦିଆଯିବ । ସ୍ଥାନୀୟ କ୍ଷତିଗ୍ରସ୍ତ ଲୋକଙ୍କ ଆଗ୍ରହ ଓ ମତାମତକୁ ଗୁରୁତ୍ୱ ଦେଇ ଏକ ନୂତନ ବସତି ସ୍ଥାପନ ପାଇଁ ଆସନ୍ତା ସପ୍ତାହରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ । ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଅବସରରେ ଜିଲ୍ଲାପାଳ ସ୍ଥାନୀୟ ମହିଳାମାନଙ୍କୁ ଶାଢ଼ି ଏବଂ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରିଥିଲେ । ସେ କହିଥିଲେ ଯେ, ଏଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ସର୍ବଦା ଜନସାଧାରଣଙ୍କ ସହିତ ରହିଛି ଏବଂ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ଓ ସହଯୋଗୀ ମନୋଭାବ ନେଇ କାର୍ଯ୍ୟ କରୁଛି । ଏହି ଗସ୍ତ ସମୟରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡିଓ ଭାରତି ଦେବି, ପୌରପାଳିକାର ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ବ୍ଲକ୍ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜାତୀୟ ବାନ୍ଦନା ପରବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କଳା, ସଂସ୍କୃତିର ସୁରକ୍ଷା ସହ କୃଷକ ଓ ଗୋସମ୍ପଦର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ବାରିପଦା, (ସବ୍ୟୁ) : ମାଟି, ପ୍ରକୃତି ଓ ଗୋଧନ ସହ କୁଡୁମୀ ସମାଜର ନିବିଡ଼ ସମ୍ପର୍କ ଏହାର ସମୃଦ୍ଧ ପରମ୍ପରା ଓ ସଂସ୍କୃତିର ପରିଚୟ । ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି, ଗୋଧନ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ ବୋଲି ମତବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ଠାରେ ଆୟୋଜିତ "ଜାତୀୟ ବାନ୍ଦନା ପରବ-୨୦୨୬'ର ସାଂସ୍କୃତିକ ମହାମିଳନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମନିଷ୍ଠା ଓ ପ୍ରକୃତିପ୍ରେମର ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ସମାଜର ସମସ୍ତ ମା', ଭାଇ ଓ ଭଉଣୀଙ୍କୁ ବାନ୍ଦନା ପରବର ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, କୁଡୁମୀ ସମାଜ ହେଉଛି ମାଟିର ସନ୍ତାନ । ନିଜର ଝାଳ ଓ ପରିଶ୍ରମରେ ମାଟିକୁ ଶସ୍ୟଶ୍ୟାମଳା କରିବାର କଳା ଏହି ସମାଜଠାରୁ ଶିଖିବାକୁ ମିଳେ । ପ୍ରକୃତିକୁ ମା' ଭାବେ ପୂଜା କରିବା ସହ ଗଛଲତା, ପାହାଡ଼, ନଦୀନାଳ ଓ ପ୍ରାଣୀଜଗତ ସହ ସହାବସ୍ଥାନର ଯେଉଁ ପରମ୍ପରା ଏହି ସମାଜରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଅନନ୍ୟ ଉଦାହରଣ । ମୟୂରଭଞ୍ଜ ମାଟି ସହ ନିଜର ଆତ୍ମିକ ସମ୍ପର୍କର ସ୍ମୃତିଚାରଣ କରି ସେ କହିଥିଲେ, ମୟୂରଭଞ୍ଜ ତାଙ୍କର ଦ୍ୱିତୀୟ ଘର । ଏଠାକୁ ଆସିଲେ ଘରକୁ ଫେରିବାର ଆନନ୍ଦ ଅନୁଭବ ହୁଏ । ବାଲ୍ୟକାଳରେ ନିଜ ଗାଁର କୁଡୁମୀ ପରିବାର ଗୁଡ଼ିକ ସହ ବିତାଇଥିବା ସମୟ, ଢେଙ୍କୁଆନ ବୁଲିବା ଓ ପିଠା ଖାଇବାର ସ୍ମୃତି ମଧ୍ୟ ସେ ଉପସ୍ଥାପନ କରିଥିଲେ । କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ସେ ଆଦିବାସୀ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ବୋଲି ଅଭିହିତ କରିଥିଲେ ।

କୁଡୁମୀ ସମାଜର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ସମ୍ପର୍କରେ ମତ ରଖି ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବସବାସ କରୁଛନ୍ତି । ମୟୂରଭଞ୍ଜ ଓ କେନ୍ଦୁଝର କୁଡୁମୀ ସମାଜର ପ୍ରମୁଖ ବାସସ୍ଥଳୀ ହୋଇଥିବାବେଳେ ବାରିପଦା ଓଡ଼ିଶାର କୁଡୁମୀ ସମାଜର ଅଘୋଷିତ ରାଜଧାନୀ ଭାବେ ପରିଚିତ । କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ଏହି ସମାଜ ନିଜର ପାରଦର୍ଶିତା ପ୍ରମାଣିତ କରିଛି । କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ତାଲିକାରେ ସାମିଲ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ନେଇ ଦୀର୍ଘଦିନର ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ବାନ୍ଦନା, କରମ ଓ ଟୁସୁ ପର୍ବର ସାଂସ୍କୃତିକ ମହତ୍ତ୍ୱ ବର୍ଣ୍ଣନା କରି ସେ କହିଥିଲେ, ଗୋଧନ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବା ପାଇଁ ଗୋ୦ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ପାଳନ କରାଯାଏଛ ସେହିପରି କରମ ଗଛର ପୂଜା ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଉଥିବାବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡୁମୀ ମହିଳା ଓ ଯୁବତୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି । ଶିକ୍ଷା କ୍ଷେତ୍ରରେ କୁଡୁମୀ ସମାଜର ଛାତ୍ରଛାତ୍ରୀଙ୍କ ସଫଳତାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମାଟ୍ରିକ୍ ପରୀକ୍ଷାରେ ରାଜ୍ୟସ୍ତରରେ ଶ୍ରେଷ୍ଠ ସଫଳତା ହାସଲ କରିଥିବାବେଳେ ମୟୂରଭଞ୍ଜର ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ସମାଜର ଗୌରବ ବୃଦ୍ଧି କରିଛନ୍ତି ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମନ୍ତ୍ରକୁ ଆଧାର କରି ରାଜ୍ୟ ସରକାର ସମାବେଶୀ ବିକାଶ ଦିଗରେ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ । କୁଡୁମୀ ସମାଜର କଳା ଓ ସଂସ୍କୃତିର ସଂରକ୍ଷଣ, କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋସମ୍ପଦର ବିକାଶ ପାଇଁ ସରକାର ଆବଶ୍ୟକ ସହଯୋଗ ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ମୟୂରଭଞ୍ଜର ବିକାଶରେ ଏହି ସମ୍ପ୍ରଦାୟର ଅବଦାନକୁ ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସାଂସଦ ନବ ଚରଣ ମାଝୀ, ବିଧାୟକ ସନାତନ ବିଜୁଳି, ବିଧାୟକ ଭାଦବ ହାଁସଦା, ବିଧାୟକ ପ୍ରକାଶ ସୋରେନ, ଡ. ବୁଢ଼ାନ ମୁର୍ମୁ, ବିଧାୟକ ଜଲେନ ନାଏକ, ବିଧାୟିକା ସଞ୍ଜଳୀ ମୁର୍ମୁ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ. କାଳିପଦ ମହାନ୍ତ ଓ ଉପଦେଷ୍ଟା ଛୋଟଲାଲ ମହାନ୍ତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ ।

ନୂତନ ସମାଜ ମଙ୍ଗଳ ଅଧିକାରିଣୀ ଭାବେ ଅର୍ଚ୍ଚନା କହଁରଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ନୂତନ ସମାଜ ମଙ୍ଗଳ ଅଧିକାରିଣୀ ଭାବେ ଅର୍ଚ୍ଚନା କହଁର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଭୁବନେଶ୍ୱର ସ୍ଥିତ ରାଜ୍ୟ ଶିଶୁ ଓ ମହିଳା ପ୍ରତିଷ୍ଠାନରେ ସିଆଇ ଭାବେ କାର୍ଯ୍ୟରତ ଥିଲେ। ସେଠାରୁ ତାଙ୍କର ଗଞ୍ଜାମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଭାବେ ବଦଳି ହୋଇଥିଲା ।

ସେ ୧୯୮୯ ମସିହାରୁ ସରକାରୀ ଚାକିରିରେ ଯୋଗଦେଇ ଦୀର୍ଘ ବର୍ଷ ଧରି ବିଭିନ୍ନ ଅଞ୍ଚଳରେ ନିଜର ଦାୟିତ୍ୱ ନିଷ୍ଠାର ସହ ତୁଲାଇ ଆସିଛନ୍ତି । କନ୍ଧମାଳ, କୋରାପୁଟ, କଳାହାଣ୍ଡି, ଗଞ୍ଜାମ ଓ ଭୁବନେଶ୍ୱର ମୁଖ୍ୟାଳୟସମେତ ବିଭିନ୍ନ ସ୍ଥାନରେ ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଛନ୍ତି । ନୂତନ ଭାବେ ଦାୟିତ୍ୱ ଗ୍ରହଣ ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହାପରେ ସେ ଗଞ୍ଜାମ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ସହ ମା' ଓ ଶିଶୁଙ୍କ କଲ୍ୟାଣ ଏବଂ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଅଧିକାରିଣୀ ଅର୍ଚ୍ଚନା କହଁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲର ଶୁଭାରମ୍ଭ
ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ସହର ଉପକଣ୍ଠସ୍ଥ ତାରୁଟାଙ୍କି ପଡିଆଠାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ୟୁନିଫାଏଡ୍ ପେନସନ ମ୍ୟାନଜମେଣ୍ଟ ପୋର୍ଟାଲର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପୋର୍ଟାଲକୁ ଉଦଘାଟନ କରିବା ସହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ଦୁତିକୃଷ୍ଣ ପାତ୍ର ଓ ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଏ ଅବସରରେ ମୋଟ ୨୮୭୭ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ବେଳେ ସେଥି ମଧ୍ୟରେ ବୁଗୁଡ଼ା ବ୍ଲକର ୧୭୯୫ ଜଣ ଏବଂ ଏନଏସିର ୮୨ ଜଣ ହିତାଧାକାରୀ ରହିଥିଲେ । ଏଥି ସହିତ ୩ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀଚାଳିତ ଯାନ ପ୍ରଦାନ କରାଯାଇଥିଲା । ସରକାରଙ୍କ ଏଭଳି ପଦକ୍ଷେପ ଦ୍ୱାରା ପେନସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସରଳତା ଆସିବା ସହ ଯୋଗ୍ୟ ହିତାଧୀକାରୀ ସରକାରୀ ସୁବିଧା ପାଇପାରିବେ ବୋଲି ସାଧାରଣରେ ଆଶାପ୍ରକାଶ ପାଇଛି ।

ଡ୍ରିମ୍‌ସକୁ ଆସିଲା ଶ୍ରୀଜିଉଙ୍କ ତିନି ରଥ ଚକ



କଟକ, (ସ୍ୱପ୍ର): ପବିତ୍ର ମହାକାର୍ତ୍ତିକର ଧାର୍ମିକ ତଥା ଭାବପୂର୍ଣ୍ଣ ପରିବେଶରେ ଶ୍ରୀକ୍ଷେତ୍ର ପୁରୀରୁ ଶ୍ରୀ ଜିଉଙ୍କ ତିନି ରଥ ଚକ ଡ୍ରିମ୍‌ସକୁ ଅଣାଯାଇଛି । ଗୁରୁବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପ୍ରଶାସନ ଅନୁମୋଦନ କ୍ରମେ ଏକ ସୁସଜ୍ଜିତ ମୋଟର ଯାନରେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ଗୋଟିଏ ଲେଖାଁଏ ଚକ ଆଜ୍ଞାମାଳ ସହ ପୁରୀରୁ ଆସି ପଦ୍ମିନୀ କେୟାର ହସ୍‌ପିଟାଲ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ପହଞ୍ଚିବା ପରେ ଡ୍ରିମ୍‌ସ ପରିବାର ପକ୍ଷରୁ ବରିଷ୍ଠ ଅଧିକାରୀ, ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ ।

ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନି, ସଂକୀର୍ତ୍ତନ ଓ ଘଣ୍ଟ, ଶଙ୍ଖ ବାଦନ ସହିତ ଚକ ଗୁଡିକ ସମଗ୍ର କ୍ୟାମ୍ପସ ପରିକ୍ରମା କରିବା ପରେ ବରୁଣ ବୃକ୍ଷ ମଣ୍ଡପରେ ବିଜେ କରାଯାଇଥିଲା । ସେଠାରେ କର୍ପୁର ଆଳତୀ ଓ ନୈବେଦ୍ୟ ଅର୍ପଣ ସହ ଉପସ୍ଥିତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ଘ୍ୟ ନିବେଦନ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସଂକଳ୍ପିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡିନ୍ ଡ. ରଘୁନାଥ ସାହୁ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦେବତା, ସୁନୟ ମିଶ୍ର, ସଚିବ ଙ୍କ ସୁଧାଂଶୁ ଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କଲେ ବିଧାୟକ

ବ୍ରହ୍ମପୁର, (ସବ୍ୟୁ) : ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ସ୍ଥାନୀୟ ବିଇଏମ୍ସିର ନୂତନ କନଫରେନ୍ସ ହଲଠାରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ୨୦୨୪ ମସିହାରୁ ଚଳିତ ବର୍ଷ ସେପ୍ଟେମ୍ବର ୨୨ ତାରିଖ ମଧ୍ୟରେ ଭତ୍ତା ପାଇଁ ଆବେଦନ କରି ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହୋଇଥିବା ମୋଟ ୪୫୧୧ ଜଣ ହିତାଧିକାରୀଙ୍କୁ ଆଜି ଭତ୍ତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଇଏମସି କମିଶନର ଶଶ୍ୟା ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଡେପୁଟି ମେୟର ବିବେକ ରେଡ୍ଡୀ, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ ଏବଂ ମନ୍ତ୍ରୀ ପ୍ରତିନିଧି ଶିବ ନାୟକ, ସମସ୍ତ କର୍ପୋରେଟରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସରକାରଙ୍କ ମଧୁବାବୁ ପେନସନ୍ ଯୋଜନା ଅଧୀନରେ କୋଟା ବ୍ୟବସ୍ଥାର ଉଚ୍ଛେଦ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ପେନସନ୍ ସୁବିଧା ଯୋଗାଇଦେବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାଦ୍ୱାରା ଦୀର୍ଘଦିନ ଧରି ଭତ୍ତା ଅପେକ୍ଷାରେ ଥିବା ଯୋଗ୍ୟ ବ୍ୟକ୍ତିମାନେ ସାମାଜିକ ସୁରକ୍ଷାର ସୁବିଧା ପାଇବା ସହ ସେମାନଙ୍କ ଆର୍ଥିକ ସହାୟତା ସୁନିଶ୍ଚିତ ହୋଇପାରିବ । ଏହି ଅବସରରେ ବିଧାୟକ କେ. ଅନିଲ କୁମାର ଚଳିତ ବନ୍ୟା ପରିସ୍ଥିତିରେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବନ୍ୟା ପ୍ରଭାବିତ ଲୋକମାନେ ରିଲିଫ୍ ସହାୟତାରୁ ବଞ୍ଚିତ ରହିଥିବା ପ୍ରସଙ୍ଗ ଉଠାଇଥିଲେ । ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇବା ସହ ବ୍ରହ୍ମପୁରବାସୀଙ୍କୁ ମଧ୍ୟ ସରକାରୀ ନିୟମାବଳୀ ଅନୁଯାୟୀ ରିଲିଫ୍ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଏହାର ଫଳସ୍ୱରୂପ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବନ୍ୟା ପ୍ରଭାବିତ ଯୋଗ୍ୟ ପରିବାରଙ୍କୁ ମଧ୍ୟ ରିଲିଫ୍ ପ୍ରଦାନ ନେଇ ରାଜ୍ୟ ସରକାର ଘୋଷଣା କରିବେ ବୋଲି ବିଧାୟକ ଆଶା ପ୍ରକାଶ କରିଥିଲେ । ସରକାରୀ ନିୟମାବଳୀ ଅନୁଯାୟୀ ଯୋଗ୍ୟ ପରିବାରଙ୍କୁ ୫୦ କେଜି ଚାଉଳ ଓ ୨୫୦୦ ଟଙ୍କା ଆର୍ଥିକ ସହାୟତା ମିଳିବା ନେଇ ସେ ସୂଚନା ଦେଇଥିଲେ । ଏହି ପଦକ୍ଷେପ ଦ୍ୱାରା ବନ୍ୟା ପ୍ରଭାବିତ ବ୍ରହ୍ମପୁରବାସୀଙ୍କୁ ମଧ୍ୟ ସରକାରୀ ରିଲିଫ୍ ସହାୟତା ମିଳିବାର ଆଶା ସଞ୍ଚାର ହୋଇଛି ।

ଆଜିଠୁଁ ଦୁଇ ଦିନିଆ କାର୍ ଓ ବାଇକ୍ ରେସିଂ

ବାରିପଦା, (ସବ୍ୟୁ): କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ୍ ପକ୍ଷରୁ ରାଜାବସା ବିମାନଘାଟି ଠାରେ ଆଜିଠାରୁ ଦୁଇଦିନିଆ ଜାତୀୟସ୍ତରୀୟ କାର୍ ଓ ବାଇକ୍ ରେସିଂ ପ୍ରତିଯୋଗିତା ଆରମ୍ଭ ହେବ । ଫେଡେରେସନ୍ ଅଫ୍ ମୋଟର ସ୍ପୋର୍ଟସ କ୍ଲବ୍ସ ଅଫ୍ ଇଣ୍ଡିଆ ଦ୍ୱାରା ଅନୁମୋଦିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ଏନେଇ କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବର ପ୍ରତିଷ୍ଠାତା ସଭାପତି ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ସୂଚନା ଦେଇଛନ୍ତି । ସ୍ପିଣ୍ଟ ରାଲି ଚାମ୍ପିଅନସିପ୍ ବର୍ଗରେ ଆ

ନବନିର୍ମାଣ କୃଷକ ସଙ୍ଘର ବିଶାଳ ଶୋଭାଯାତ୍ରା

ହାତୀ, ମାଙ୍କଡ, ବାର୍‌ହା, ଷଣ୍ଢ ଉପଦ୍ରବର ପ୍ରତିକାର ଦାବି

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରରେ ନବନିର୍ମାଣ କୃଷକ ସଂଗଠନର ଏକ ବିଶାଳ ଶୋଭାଯାତ୍ରା ଶୁକ୍ରବାର ଆୟୋଜିତ ହୋଇଛି । ହଜାର ହଜାର ଚାଷୀ ଜିଲ୍ଲାର କୋଣ ଅନୁକୋଣରୁ ଆସି ସାମିଲ ହୋଇଥିବା ବେଳେ ନିର୍ବାଚନ ସମୟରେ ସରକାର ଦେଇଥିବା ପ୍ରତିଶୃତିକୁ ପୂରଣ କରିବାକୁ ଆହ୍ୱାନ ଦେଇଛି । ନବନିର୍ମାଣ କୃଷକ ସଂଗଠନ ଆଜି ଢେଙ୍କାନାଳ ଜିଲ୍ଲାରେ ତାର ଶକ୍ତି ପ୍ରଦର୍ଶନ କରିଛି । ନୂଆ ସରକାର ନିର୍ବାଚନରେ ଦେଇଥିବା ପ୍ରତିଶୃତି ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ନବନିର୍ମାଣ ସଂଗଠନ ସରକାରକୁ ଆହ୍ୱାନ ଦେଇଛି । ଜିଲ୍ଲା ସଂଯୋଜକ ପ୍ରହ୍ଲାଦ ସାହୁ, ଜିଲ୍ଲା ପ୍ରଭାରୀ ଅଶ୍ୱିନୀ ଜେନାଙ୍କ ନେତୃତ୍ୱରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ହଜାର ହଜାର ସଂଖ୍ୟାରେ କୃଷକ, ମହିଳା, ଯୁବକ ଓ ଛାତ୍ରମାନେ ବାଜି ଚୌକ ଛକରେ ଏକତ୍ରିତ ହୋଇଥିଲେ ।

ସେଠାରୁ ଶୋଭାଯାତ୍ରାକାରୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ୧୭ ଦଫା ଦାବୀ ସହିତ ହାତରେ ପ୍ଲା କାର୍ଡ, ବ୍ୟାନର ଧରି ବାଜିଚୌକ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ



ଆସିଥିଲେ । ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇ ନବନିର୍ମାଣ କୃଷକ ସଂଗଠନ ଓ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ବକ୍ତବ୍ୟ ଦେଇ କହିଥିଲେ ଯେ, ପ୍ରଶାସନ ଲୋଭିମୁଖୀ ନହେବା ଦ୍ୱାରା ସାଧାରଣ ଲୋକେ ଉପେକ୍ଷିତ ହେଉଛନ୍ତି । ବର୍ଷବର୍ଷ ଧରି ଢେଙ୍କାନାଳ ଜିଲ୍ଲାରେ ଆତଙ୍କ ସୃଷ୍ଟି କରୁଥିବା ହାତୀ, ବାର୍‌ହା କବଳରୁ ରକ୍ଷା ପାଇବାର ସ୍ଥାୟୀ ପ୍ରତିକାର ଆଜି ପର୍ଯ୍ୟନ୍ତ କରାଯାଉ ନାହିଁ କି କ୍ଷତି ପୂରଣ ଚାଷୀଙ୍କୁ ମିଳୁନାହିଁ । ବୟସ ୮୦ ହେଲା ପରେ ବି ବୁଢ଼ାବୁଢ଼ୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ । ଏହା ଶାସନର ବଡ଼ ବିସଙ୍ଗତି, ଯେଉଁମାନେ ଇନ୍ଦରାବାସ, ଭତ୍ତା ପ୍ରଭୃତିର ଯୋଗ୍ୟ ହୀତାଧିକାରୀ ସେମାନଙ୍କୁ ନିଜ ଆଡୁ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ କ୍ୟାମ୍ପ କରି ସମାଧାନ କରନ୍ତୁ ଏବଂ ନିଶାକୁ ଢେଙ୍କାନାଳରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରତିଶୃତି ଦେଇଥିବା ନେତା ତୁରନ୍ତ ନିଶା କୁ ଢେଙ୍କାନାଳରୁ ହଟେଇ ଧନ ଜୀବନ ରକ୍ଷା କରନ୍ତୁ । ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନ୍ଦର ଅଲ୍ଲା କହିଲେ, ଢେଙ୍କାନାଳ ଜିଲ୍ଲାର ଚାଷୀ, ମହିଳା, ଯୁବକ ଓ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାରେ ଜର୍ଜରିତ । ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ, ଯୁବକଙ୍କୁ ରୋଜଗାର ଓ ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ସରକାରଙ୍କ ପ୍ରାଥମିକତା ହେବା ଉଚିତ । ଏହି ଦାବିଗୁଡ଼ିକ ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ । ଢେଙ୍କାନାଳ ପ୍ରଭାରୀ ଅଶ୍ୱିନୀ ଜେନା କହିଲେ, ଏହି ଆନ୍ଦୋଳନ ଚାଷୀ ଓ ସାଧାରଣ ଜନତାଙ୍କ ନ୍ୟାଯ୍ୟ ଅଧିକାର ପାଇଁ ।

ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ଦିଆଯାଇଥିବା ୧୭ ଦାବିକୁ ସରକାର ତୁରନ୍ତ ଏହାର ସମାଧାନ କରନ୍ତୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ । ଆଜିର ବିକ୍ଷୋଭରେ ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ରାଜ୍ୟ ମହିଳା ସଂଯୋଜିକା ମଧୁମିତା ସାମଲ, ଜିଲ୍ଲା ସଂଯୋଜକ ଚନ୍ଦ୍ରଶେଖର ବରାଳ, ଭଦ୍ରକ ସଂଯୋଜକ ତ୍ରିଲୋଚନ ପଣ୍ଡା, ଜଗତସିଂପୁର ଜିଲ୍ଲାର ଚାଷୀ ନେତା ଦୁର୍ଗା ପ୍ରସାଦ ସ୍ୱାଇଁ, ସୁରେନ୍ଦ୍ର ମହାରଣା, ବାଲେଶ୍ୱର ସଂଯୋଜକ ରଞ୍ଜିତ ପଟ୍ଟନାୟକ, କେନ୍ଦ୍ରାପଡ଼ା ସଂଯୋଜକ ଅକ୍ରୁର ପଲେଇ, ଢେଙ୍କାନାଳ ସହ ସଂଯୋଜକ ସୁଧାକର ପରିଡ଼ାଙ୍କ ସମେତ ବହୁ ଚାଷୀ ନେତୃତ୍ୱ ଚାଷୀ ସାମିଲ ହେଇଥିଲେ ।

୫୩ ନମ୍ବର ରାଜପଥ ପାଇଁ ଜମି ଗଲା ୨ ବର୍ଷ ହେବ କ୍ଷତିପୂରଣ ପାଇପାରୁ ନାହାନ୍ତି ୨୯ ପରିବାର

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଦେଇ ଯାଜପୁର ଯାଇଥିବା ୫୩ ନଂ ଜାତୀୟ ରାଜପଥରେ ପରଜଙ୍ଗ ଗ୍ରାମର ୨୯ ଜଣଙ୍କ ରାଜପଥରେ ଜମିର ଅଧିଗ୍ରହଣ ହୋଇଛି । କିନ୍ତୁ ଦୀର୍ଘ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଜମିର ମୂଲ୍ୟ ପାଇ ପରି ନାହାଁନ୍ତି ।

ନିଜର କ୍ଷତିପୂରଣ ରାଶି ପାଇଁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଏନ୍.ଏଚ.ଆଇ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନାହାଁନ୍ତି । ଏନେଇ ଜନ ଅସନ୍ତୋଷ ଦିନକୁଦିନ ବଢି ଚାଲିଛି । ଗତ ୨୨ ତାରିଖରେ ପରଜଙ୍ଗ ବ୍ଲକରେ ଜିଲ୍ଲାପାଳଙ୍କ ହୋଇଯାଇଥିବା ଜନ ଅଭିଯୋଗ ଶୁଣାଣି ବେଳେ ୨୯ ଜଣ କ୍ଷତିଗ୍ରସ୍ତ ପ୍ରଜା ନିଜର କ୍ଷତିପୂରଣ ରାଶି ପାଇବା ପାଇଁ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ମଧ୍ୟ ଏନ୍ ଏଚଆଇ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାଁନ୍ତି କିମ୍ବା ଭୃକ୍ଷେପ କରୁ ନାହାଁନ୍ତି ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଭୃକ୍ଷେପ କରୁନଥିବା ବେଳେ ଜମି ଦେବାପରେ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ ନ କଲେ ଆଗାମି ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ପଛ ଘୁଞ୍ଚା ଦେବେ ନାହିଁ ବୋଲି ଜମିହରା ପ୍ରଜାମାନେ ପ୍ରକାଶ କରୁଛନ୍ତି । ଜମି ଯାଇଥିବା ୨୯ ଜଣ ପ୍ରଜାଙ୍କର ଏ ୧.୫୧ ଡେସି ଜମିର ନ୍ୟାର୍ଯ୍ୟ ପ୍ରାପ୍ୟ ପାଇବା ପାଇଁ ଏହି ଜନ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବାର ଜଣାପଡିଛି ।

ଗହଣା ଦେଣନେଣକୁ ନେଇ ମହିଳା ଗ୍ରାମରକ୍ଷୀଙ୍କୁ ମାଡ଼

ଉଭୟଙ୍କ ପକ୍ଷରୁ ଥାନାରେ ଏତଲା

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଖଲିବୋରେଇ ପଞ୍ଚାୟତ ଅନ୍ତର୍ଗତ ବିମ୍ବରି ଗ୍ରାମରେ ଜନୈକା ମହିଳାଙ୍କୁ ରାସୋଳ ଥାନାରେ କାର୍ଯ୍ୟରତ ଜଣେ ଗ୍ରାମରକ୍ଷୀ ସୁନା ଗହଣା ଦେଣନେଣ ଘଟଣାକୁ ନେଇ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ମାଡ ମାରିଥିବା ନେଇ ସଂପୃକ୍ତ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେପଟେ ଖଲିବୋରେଇ ଗ୍ରାମର ଗ୍ରାମରକ୍ଷୀ ପ୍ରଦୀପ ନାୟକ ମହିଳାଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ୍ ଏହି ଘଟଣାରେ ପ୍ରାଥମିକ ତଦନ୍ତ କାର୍ଯ୍ୟ ସାରିଦେଇ ଚୁପ୍ ବସିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ ଗତ ମଙ୍ଗଳବାର ଦିନ ବିମ୍ବରୀ ଗ୍ରାମର ସଞ୍ଜୟ ନାୟକଙ୍କ ସ୍ତ୍ରୀ ସୁଭଦ୍ରା ନାୟକ ଘରେ ଏକାକି ଥିବା ସମୟରେ ଗ୍ରାମରକ୍ଷୀ ପ୍ରଦିପ ତାଙ୍କ ଘରକୁ



ଯାଇ ପୂର୍ବରୁ ବନ୍ଧା ଦେଇଥିବା ସୁନା ଗହଣା ମାଗି ଥିଲେ । ଏନେଇ ତାଙ୍କ ସ୍ୱାମୀ ଘରେ ନଥିବା କହିବା ସହ ସୁଭଦ୍ରା ଏବାବଦରେ ମୋ ସ୍ୱାମୀଙ୍କୁ ପଚାରିବାକୁ କହିବାରୁ ପ୍ରଦୀପ ଉତ୍ତେଜିତ ହୋଇ ତାଙ୍କୁ ଗାଳିମନ୍ଦ କରିବା ସହ ମାଡ ମାରିଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ମହିଳା ଜଣକୁ ମାଡ ମାରିଥିବାର ଗ୍ରାମ ରକ୍ଷା ପ୍ରଦୀପ ସ୍ୱିକାର କରିଛନ୍ତି । ଥାନାରେ ଲିଖିତ ଅଭିଯୋଗ ଭିତ୍ତିରେ ଥାନା ଅଧିକାରୀ ଘଟଣାର ପ୍ରାଥମିକ ତଦନ୍ତ ସାରିଦେଇ ଚୁପ୍ ହୋଇ ବସିଥିବାରୁ ଅଭିଯୋଗ କାରିଣୀ ସୁଭଦ୍ରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଥାନାରୁ ନ୍ୟାୟ ମିଳିଲେ ସେ ଜିଲ୍ଲାପାଳ, ଏସପିଙ୍କ ଦ୍ୱାରସ୍ଥ ହେବେ ବୋଲି ଦୃଢକ୍ତି ପ୍ରକାଶ କରିଛନ୍ତି ।

ପୋଷ୍ଟାଲ ଗ୍ରାହକଙ୍କ ଟଙ୍କା ହଡ଼ପ ଡାକ କର୍ମଚାରୀଙ୍କୁ ୩ ବର୍ଷ ଜେଲ୍

ଅନୁଗୋଳ, (ସବ୍ୟୁ) : ଗ୍ରାହକଙ୍କ ସଂଚୟ ଟଙ୍କା ହଡପ କରିବାରୁ ଜଣେ ଡାକ କର୍ମଚାରୀଙ୍କୁ ଅଦାଲତ ତିନି ବର୍ଷ ସଶ୍ରମ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି । ପ୍ରକାଶ ଯେ, ଅଶ୍ୱଥାମା ନାୟକ ଅନୁଗୋଳ ହେଡ଼ ପୋଷ୍ଟ ଅଫିସ ଅଧୀନରେ ଥିବା ପୁରୁଣାଗଡ଼ ଶାଖା ପୋଷ୍ଟ ଅଫିସ ରେ ଜଣେ ଜିଡ଼ିଏସ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଗତ ୨୮. ୭. ୨୦୧୫ ଦିନ ଅରକ୍ଷିତ ସାହୁ ଏବଂ ଟୁଟୁଲାର ସାହୁଙ୍କ ଏକ ଯୁଗ୍ମ ଆକାଉଣ୍ଟ ଖୋଲାଯାଇ ୮୫ହଜାର ଟଙ୍କା ଜମା ରଖା ଯାଇଥିଲା । ଅଶ୍ୱଥାମା ଚଞ୍ଚକତା କରି ଗ୍ରାହକଙ୍କୁ ସଠିକ ରସିଦ ଦେଇଥିବା ବେଳେ ରସିଦ ବହିର ଦ୍ୱିତୀୟ ଓ ତୃତୀୟ ପୃଷ୍ଠାରୁ ଗୋଟିଏ ଶୂନ ଲିଭାଇ ୮, ୫୦୦ଟଙ୍କା ଡିପୋଜିଟ ହୋଇଥିବା ଦର୍ଶାଇଥିଲେ । ଏହାଦ୍ୱାରା ସେ ୭୬, ୫୦୦ ଟଙ୍କା ହଡପ କରିଥିଲେ । ଏହାପରେ କିଛିମାସ ପରେ ଖୋଳତାଡ଼ ହେବାରୁ ଟଙ୍କା ହଡପ ମାମଲା କଥା ଜଣାପଡିଥିଲା ଏବଂ ପୋଷ୍ଟାଲ ନିରୀକ୍ଷକ ସଂଜୀବ କୁମାର ପ୍ରଧାନ ବନ୍ତଳା ଥାନାରେ ଏତଲା ଦେଇଥିଲେ । ପୋଲିସ ଏହାର ତଦନ୍ତ କରି ମାନ୍ୟବର ସିଜେଏମଙ୍କ ଅଦାଲତକୁ ମାମଲା ପଠାଇ ଥିଲେ । ଶେଷରେ ମାନ୍ୟବର ବିଚାରପତି ଶରତ କୁମାର ଜେନା ଶୁକ୍ରବାର ମାମଲାର ବିଚାର କରି ଅଭିଯୁକ୍ତ ଅଶ୍ୱଥାମାକୁ ତିନି ବର୍ଷ ସଶ୍ରମ କାରାଦଣ୍ଡ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରଦୀପ କୁମାର ଦେବତା ଏବଂ ସହଯୋଗୀ ଶିବରାମ ଦେହୁରୀ ମାମଲା ପରିଚାଳନା କରିଥିଲେ ।

ଦଳ ବିରୋଧୀ କାର୍ଯ୍ୟ ପାଇଁ ହିନ୍ଦୋଳ ଏନଏସି ଅଧ୍ୟକ୍ଷ

କେଶବ ପ୍ରଧାନ ବିଜେଡିରୁ ବହିସ୍କୃତ

ହିନ୍ଦୋଳ, (ସବ୍ୟୁ) : ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜୁଜନତା ଦଳରୁ ବହିଷ୍କୃତ ହୋଇଛନ୍ତି । ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଧାରଣ ସମ୍ପାଦକ ବିଜୟ ନାୟକ କେଶବଙ୍କୁ ଶୁକ୍ରବାର ଦଳରୁ ବହିଷ୍କାର କରିଛନ୍ତି । ବିଜୁ ଜନତା ଦଳ ଟିକେଟ ଓ ଖର୍ଚ୍ଚରେ ଜିତି ଏନଏସି ଅଧ୍ୟକ୍ଷ ହୋଇଥିଲେ ହେଁ ବିଜେପି ଦଳ ଓ ନେତାଙ୍କ କାର୍ଯ୍ୟକ୍ରମରେ ସାମିଲ ହେବାସହ ଅନେକ ସମୟରେ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମରେ କେଶବଙ୍କ ଅନୁପସ୍ଥିତ ଥିବା କାରଣରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଅଭିଯୋଗ ହୋଇଆସୁଥିଲା। ତେବେ ଗତ ହିନ୍ଦୋଳ ଲକ୍ଷ୍ମୀପୂଜା ଭସାଣିରେ ଖୋଲମଖୁଲା ମୋହନ ମାଝିଙ୍କ ଗୀତରେ ନାଚିବା ସହିତ ଶାସକଦଳ ବିଧାୟିକା ଓ ସାଂସଦଙ୍କ ସହିତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଗେରୁଆ ଗାମୁଛା ପକାଇ ସାମିଲ ହେବା ସହ ଦଳ ବିରୋଧୀ କାର୍ଯ୍ୟକ୍ରମ କରିଆସୁଥିବା ବାରମ୍ବାର ପ୍ରମାଣସହ ଅଭିଯୋଗ ହୋଇଆସୁଥିଲା । ସେଥିପାଇଁ ଦଳରୁ କେଶବଙ୍କୁ ବହିଷ୍କାର କରାଯାଇଛି ।



କମ୍ୟୁନିଟ୍ ହେଲଥ କ୍ଲବ ଉଦ୍‌ଘାଟନ

ତାଳଚେର, (ସବ୍ୟୁ) : ଯୁବକଙ୍କ ସମାଜକଲ୍ୟାଣ ଏବଂ ଫିଟନେସ୍ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିବାକୁ ପାଇଁ ତାଳଚେର ଥର୍ମାଲ ଦ୍ୱାରା କମ୍ୟୁନିଟ୍ ହେଲଥକ୍ଲବ ଛେଳିଆପଡ଼ାରେ ରାହୁଲ ଜୈନ ପୋଲିସ୍ ଅଧୀକ୍ଷକ ଅନୁଗୋଳଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି । ନବନିର୍ମିତ କମ୍ୟୁନିଟ୍ ହେଲଥ କ୍ଲବ ସ୍ଥାନୀୟ ବାସୀନ୍ଦାଙ୍କ ମଧ୍ୟରେ ଶାରିରୀକ ସୁସ୍ଥତା ଏବଂ ସାମଗ୍ରୀକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି ।

ଏହି ସୁବିଧା ସମ୍ପ୍ରଦାୟ ସଦସ୍ୟମାନଙ୍କୁ ଫିଟନେସ୍ କାର୍ଯ୍ୟକଳାପରେ ସାମିଲ ହେବା ଓ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାନେଇ ଏକ ଉତ୍ସର୍ଗିକୃତ ସ୍ଥାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ସ୍ୱାସ୍ଥ୍ୟକ୍ଲବ ଜନସାଧାରଣଙ୍କ ବ୍ୟବହାର ପାଇଁ ସମସ୍ତ ଆଧୁନିକ ସ୍ୱାସ୍ଥ୍ୟ ଫିଟନେସ୍ ଉପକରଣ ସହ ସଜ୍ଜିତ କରାଯାଇଛି । ଏହି ପଦକ୍ଷେପ ଏନଟିପିସି ତାଳଚେର ଥର୍ମାଲର ଅନ୍ତର୍ଭୂକ୍ତ ସମ୍ପ୍ରଦାୟ ଏବଂ ଲୋକଙ୍କ ଜୀବନର ଗୁଣବତା ଉନ୍ନତା କରିବାପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହାର ସିଏସଆର ହସ୍ତକ୍ଷେପ ମାଧ୍ୟମରେ ପ୍ରକଳ୍ପ ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତିଭୂମି ବିକାଶ ଓ ସମ୍ପ୍ରଦାୟ କଲ୍ୟାଣରେ ପଦକ୍ଷେପ ଗୁଡ଼ିକୁ ସମର୍ଥନ କରୁଛି ।

ତାଳଚେର-ବିମଳଗଡ଼ ରେଳ ରାସ୍ତା ପାଇଁ ବିବାଦୀୟ ଜମି ଉଚ୍ଛେଦ

ପାଲଲହଡ଼ା, (ସବ୍ୟୁ) : ଦୀର୍ଘବର୍ଷ ହେବ ଝିମିରିପାଲିରେ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ ପାଇଁ ବିବାଦୀୟ ହୋଇପଡିଥିବା ୧୦ଟିରୁ ୮ଟି ଅଧିଗୃହୀତ ଜମି ଏବଂ ୧୩ଟି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ଅଭିଯାନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବାର ଜଣାପଡିଛି । ଏଥିପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିନଥିବାର ଜଣାପଡିଛି ।

ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ତାଳଚେର-ବିମଳାଗଡ଼ ନୂତନ ରେଳ ଲାଇନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଗତ ତା.୧୨.୧୧.୨୦୨୬ ରିଖ ପାଲଲହଡ଼ା ତହସିଲ ଅନ୍ତର୍ଗତ ଝିମିରିପାଲି ଠାରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ କରାଯାଇଛି । ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଛେଦ ଅଭିଯାନ ପରିଚାଳିତ ହୋଇଥିଲା ।

ଏହି ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଆକାଂକ୍ଷା ମହାପାତ୍ର, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ଡେପୁଟି କଲେକ୍ଟର ସୌମ୍ୟା ଶ୍ରୀ ପରିଡ଼ା, ଇଂ. ବିଦ୍ୟୁତ୍ସ୍ମିତା ସାହୁ, ଥାନା ଅଧିକାରୀ ପ୍ରଦୀପ ମହାନ୍ତ ଏବଂ ପୋଲିସ ଟିମ୍ ସହିତ ରେଳବାଇ ଟିମ୍ ଉପସ୍ଥିତ ଥିଲେ । ଅଭିଯାନ ସମୟରେ ରେଳ ପ୍ରକଳ୍ପ ପାଇଁ ଅଧିଗ୍ରହଣ କରାଯାଇଥିବା ୧୦ଟି ଜମି ମଧ୍ୟରୁ ୮ଟି ଜମି ଖାଲି କରାଯାଇଛି । ଏହା ସହିତ ୧୩ଟି ସରକାରୀ ଜମି ଉପରେ ଥିବା ଜବରଦଖଲ ମଧ୍ୟ ଉଚ୍ଛେଦ କରାଯାଇଛି । ସମଗ୍ର ଉଚ୍ଛେଦ ଅଭିଯାନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହି ଜାତୀୟ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର କାମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି କୁହାଯାଇଛି ।

୫ ପଞ୍ଚାୟତରେ ଭତ୍ତା ବାଣ୍ଟିଲେ ବିଧାୟକ

କଣିହାଁ, (ସବ୍ୟୁ) : ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ, ଗଦାଶିଳା, କମରେଈ, ଜରଡ଼ା, ବଡ଼ତ୍ରିବିଡା, ସାନତ୍ରିବିଡା ଇତ୍ୟାଦି ୫ ଗ୍ରାମ ପଞ୍ଚାୟତରେ ମଧୁବାବୁ ପେନସନ୍ ଯୋଜନାରେ ନୂତନ ମଞ୍ଜୁର ହୋଇଥିବା (ବାର୍ଦ୍ଧକ୍ୟ/ବିଧବା/ ଦିବ୍ୟାଙ୍ଗ/ଅବିବାହିତ ମହିଳା/ଅସହାୟ ମହିଳା) ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବିଜିଗୋଳ ଗ୍ରାମ ପଞ୍ଚାୟତର ସରପଞ୍ଚ ରୁକ୍ମିଣୀ ପ୍ରଧାନ, ସମିତି ସଭ୍ୟ ପ୍ରଦ୍ୟୁମ୍ନ ମହାପାତ୍ର, ଗଦାଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ସମିତିସଭ୍ୟ ଦିବ୍ୟଜ୍ୟୋତି ପ୍ରଧାନ, କମରେଈ ସରପଞ୍ଚ ସୁବାଶିନୀ ବେହେରା, ସମିତି ସଭ୍ୟା କବିତା ଦେହୁରୀ, ଜରଡ଼ା ସରପଞ୍ଚ ସୁମିତ୍ରା ଦାସ, ସମିତିସଭ୍ୟା କବିତା ଦେହୁରୀ, ବଡ଼ତ୍ରିବିଡା ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟ କିଶୋରୀ ଚନ୍ଦ୍ର ବେହେରା, ସାନତ୍ରିବିଡା ସରପଞ୍ଚ ସୁଜାତା ପ୍ରଧାନ, ସମିତିସଭ୍ୟା ମିନାକ୍ଷୀ ସାହୁ, ୯ ନଂ ଜୋନ ବିଜେଡି କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ପ୍ରଧାନ, ବରିଷ୍ଠ ନେତା ନିର୍ମଳ ସାହୁ ଓ କଣିହାଁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ତିନି ଦିନ ହେଲା ସ୍କୁଲ ବନ୍ଦ, ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଟୁସର ପଞ୍ଚାୟତରେ ଥିବା ଟୁସର ଉଚ୍ଚ ପ୍ର

ଭଡ଼ାଘରୁ ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଯୋଡ଼ା, (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳ ଯୋଡ଼ାସ୍ଥିତ କଣ୍ଟ୍ରାକ୍ଟର କଲୋନୀରେ ଏକ ଭଡ଼ାଘରୁ ଆଜି ସକାଳୁ ଜଣେ ମହିଳା ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ମୃତ ଶିକ୍ଷୟିତ୍ରୀଙ୍କ ବୟସ ୩୧ ବର୍ଷ ହୋଇଥିବା ବେଳେ ତାଙ୍କ ପରିଚୟ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ରୋଜାଲିକା ପାତ୍ର ବୋଲି ଜଣାପଡ଼ିଛି ।

ରୋଜାଲିକା ଯୋଡ଼ା ନିକଟସ୍ଥ ଲହଣ୍ଡାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ) ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ସେ ଯୋଡ଼ା କଣ୍ଟ୍ରାକ୍ଟର କଲୋନୀର ଏକ ଭଡ଼ାଘରେ ରହୁଥିଲେ । ଗତକାଲି ସନ୍ଧ୍ୟା ସମୟରେ କାମବାଲୀ ସବୁଦିନ ପରି ଘରକାମ କରିବାକୁ ଆସି ତାଙ୍କୁ ଡାକିଥିଲେ । ତେବେ ଦୀର୍ଘ ସମୟ ଧରି ରୋଜାଲିକା ଘରର କବାଟ ଖୋଲି ନଥିଲେ କିମ୍ବା ଫୋନ କଲ ମଧ୍ୟ ରିସିଭ କରିନଥିଲେ । ଏଥିରେ ସନ୍ଦେହ ହେବାରୁ ଘର ମାଲିକ ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଜି ସକାଳୁ ଘରର କବାଟ ଡାଡ଼ି ଭିତରକୁ ପ୍ରବେଶ କରିବା ପରେ ଘର ଭିତର ଫ୍ୟାନରେ ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ବଡ଼ବିଲ ତହସିଲଦାରଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ଆବଶ୍ୟକ ଯାଞ୍ଚ ଓ ତଦନ୍ତ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି । ଏଥିସହିତ ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ ମିଳିଥିବା ନେଇ ମଧ୍ୟ ସୂଚନା ମିଳିଛି । ତେବେ ଉକ୍ତ ନୋଟ୍ରେ କ'ଣ ଲେଖାଯାଇଛି ଏବଂ ତାହାର ବିଷୟବସ୍ତୁ କ'ଣ, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ୱୀକୃତିକରଣ ମିଳିନାହିଁ । ପୋଲିସ ପକ୍ଷରୁ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ଜଣାପଡ଼ିଛି । ମୃତଦେହ ଉଦ୍ଧାର, ଘଟଣାସ୍ଥଳରୁ ମିଳିଥିବା ସାମଗ୍ରୀ ଏବଂ ସୁଇସାଇଡ ନୋଟ୍ ଯାଞ୍ଚ ପରେ ହିଁ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହୋଇପାରିବ । ଜଣେ ଯୁବ ଶିକ୍ଷୟିତ୍ରୀଙ୍କ ଏଭଳି ଅକାଳ ମୃତ୍ୟୁ ଘଟଣା ଶିକ୍ଷା ମହଲ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଆଲୋଡ଼ନ ସୃଷ ି କରିଛି । ତେବେ ଏହି ଘଟଣା ପଛରେ ଥିବା ପ୍ରକୃତ କାରଣ ପୋଲିସର ସମ୍ପୂର୍ଣ୍ଣ ତଦନ୍ତ ପରେ ହିଁ ଜଣାପଡ଼ିବ ।

ଡକାୟତଙ୍କ ଟାର୍ଗେଟ୍‌ରେ ଭଦ୍ରକ !

ଅନ୍ଧାରରେ ଚାଲିଥିଲା ଲୁଟ୍‌ର ଯୋଜନା : ୭ ଗିରଫ

ଭଦ୍ରକ, (ସବ୍ୟୁ) : ଭଦ୍ରକ ସହରରେ ଡକାୟତି କରିବାକୁ ଅପରାଧୀଙ୍କ ମସୁଧା। ରାତିର ଅନ୍ଧାରରେ ସହରର ବିଭିନ୍ନ ସ୍ଥାନକୁ ଟାର୍ଗେଟ୍ କରିବା ପାଇଁ ଏକାଠି ହୋଇଥିଲେ ୭ ଜଣ। ନିକଟରେ ଥିଲା ଧାରୁଆ ଛୁରୀ,ଲୁହାରଡ୍ ଓ ଅନ୍ୟାନ୍ୟ ସାମଗ୍ରୀ। ଭଦ୍ରକ ସହରରେ କୌଣସି ବଡ଼ଧରଣର ଅପରାଧ ଘଟାଇବା ପୂର୍ବରୁ ଟାଉନ୍ ଥାନା ପୋଲିସର ଅଚାନକ ଚଢ଼ଉ ସେମାନଙ୍କ ଯୋଜନାରେ ପାଣି ପକାଇଛି। ଢ଼ଗରା ସାହି କେନାଲ ରାସ୍ତା ନିକଟରୁ ୭ଜଣଙ୍କୁ ଗିରଫ କରିଛି ପୋଲିସ। ଏହି ଘଟଣା ସହରରେ ଅପରାଧିକ ଗତିବିଧି ନେଇ ପୁଣି ଥରେ ଚିନ୍ତା ବଢ଼ାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୧ତାରିଖ ରାତିରେ ଟାଉନ୍ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଢ଼ଗରା ସାହି କେନାଲ ରାସ୍ତା ନିକଟରେ କିଛି ବ୍ୟକ୍ତି ଏକ ଗଛମୂଳେ ଅନ୍ଧାରରେ ଏକତ୍ରିତ ହୋଇଥିବା ଖବର ପାଇଥିଲା। ସେମାନେ ସହରର ବିଭିନ୍ନ ସ୍ଥାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ଗୁପ୍ତ ସୂଚନା ମିଳିବା ପରେ ପୋଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ଉ କରିଥିଲା । ପୋଲିସକୁ ଦେଖି ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମସ୍ତ ୭ଜଣଙ୍କୁ କାବୁ କରାଯାଇଥିଲା। ଗିରଫ ବ୍ୟକ୍ତିମାନେ ହେଲେ ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀର ସୁଶାନ୍ତ ଦେଉରୀ (୪୫),କଟକ ସଦର ଫୁଲନଖରାର ରାଜୁ ଦାସ (୨୦), ମାହାଙ୍ଗା କୁଦୁଣ୍ଡାର ବିଜୁ ଦାସ (୨୪), ଭଦ୍ରକ ପୁରୁଣାବଜାର ବାଙ୍କାବଜାରର ଜବାଜ ଖାନ୍ (୨୫), ଚୌଦ୍ୱାର ଗୋପାଳନଗରର କୁଶ ଦାସ (୪୫) ଓ ଅନିଲ ଦାସ (୨୪) ଏବଂ କଟକ ରେଳଷ୍ଟେସନ ନିକଟ ଅଂଚଳର ସଞ୍ଜିତ ଦାସ (୪୦) । ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାରର ଧାରୁଆ ଛୁରୀ, ଲୁହାରଡ୍, ଧାରୁଆ ଲୁହାରଡ୍, ସ୍କ୍ରୁଡ୍ରାଇଭ ବାକାର୍ଡି ଓ ବିୟର ବୋତଲ,ସିଗାରେଟ୍ ପଯାକେଟ୍, ମିକ୍ଚର୍ ପ୍ୟାକେଟ୍ ଓ ପାଣି ବୋତଲ ଜବତ କରାଯାଇଛି। ଏହିଘଟଣାକୁନେଇ ଭଦ୍ରକଟାଉନ୍‌ଥାନାରେକେସ୍‌ନଂ ୬୮୬/୨୦୨୬, ତାରିଖ ୧୨.୧୧.୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୧୦(୪)/୩୧୦(୫) ଅନୁଯାୟୀ ମାମଲା ରୁଜୁ ହୋଇଛି । ଏସ୍‌ଆଇ ଏପି ମହାପାତ୍ର ମାମଲାର ତଦନ୍ତ କରୁଛନ୍ତି ।

ଏନଆରଆଇ ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ 'ସାଇନ୍ସ ଫିଏଷ୍ଟା'



ଭଦ୍ରକ, (ସବ୍ୟୁ) : ଆରଡ଼ି ଛକ ସ୍ଥିତ ଏନଆରଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ ବାର୍ଷିକ ପ୍ରଦର୍ଶନୀ (ସାଇନ୍ସ ଫିଏଷ୍ଟା -୨୦୨୬) ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ ଫିତାକାଟି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସଭାରେ କମଳା ସାହୁ,ଗୌରାଙ୍ଗ ଚରଣ ନାଥ, ଅଶ୍ୱିନୀ କୁମାର ପାଣିଗ୍ରାହୀଙ୍କ ସମେତ ଆମନ୍ତ୍ରିତ ଅତିଥି ଗଣ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚ ଆରୋହଣ କରିଥିଲେ। ଏଥିରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଡ଼.ରାଧାନାଥ ମିଶ୍ର ଏବଂ ରସାୟନ ବିଭାଗର ପ୍ରାଧ୍ୟାପକ ଡ଼.ଆଶିଷ ସେଠୀ,ଜୀବ ବିଜ୍ଞାନର ଅଧ୍ୟାପକ ଯୋଗେଶଚନ୍ଦ୍ର ପଣ୍ଡା,କଳା ଓ ହସ୍ତଶିଳ୍ପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମନୋଜ କୁମାର ବାନାର୍ଜୀ ଆଦି ଅତିଥି ଗଣ ନିଜ ନିଜର ମତପ୍ରଦାନ କରିଥିଲେ। ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକର ମୂଲଯାଙ୍କନ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରାଇବା ହେଉଛି ଏହି ପ୍ରଦର୍ଶନୀର ମୂଳ ଲକ୍ଷ୍ୟ ବୋଲି ବିଚାରକମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ମୋଟ୩୦୭ଜଣ ଛାତ୍ର ଛାତ୍ରୀ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ବାଣିଜ୍ୟ, ଚିତ୍ରକଳା ଖେଳ, ଆଇଟି ଶିକ୍ଷା ଆଦି ବିଭାଗରେ ଅଂଶଗ୍ରହଣ କରିଥିଲେ।

ଛତିଶଗଡ଼ରେ ଦୁଇ ବାଇକ ମୁହାଁମୁହିଁ ଓଡ଼ିଆ ବ୍ୟକ୍ତି ଓ ପୁଲିସ କର୍ମଚାରୀ ମୃତ

ଅସୁରାଳି, (ସବ୍ୟୁ) : ଛତିଶଗଡ଼ ରାଜ୍ୟର ଦାନ୍ତେୱାଡା ନିକଟରେ ମର୍ମନ୍ତୁଦ ବାଇକ ଦୁର୍ଘଟଣା ଘଟି ଧାମନଗର ବ୍ଲକ ଗୋବିନ୍ଦପୁର ପଂଚାୟତ ଅଜମତପୁର ଗ୍ରାମର ସନ୍ତୋଷ କୁମାର ଜେନା (୫୫)ଙ୍କର ମୃତ୍ୟୁ ହୋଇଛି। ଏଥିରେ ମଧ୍ୟ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଧୂଷୁରୀ ଥାନା ଅଧୀନ ଅଜମତପୁର ଗ୍ରାମର ସନ୍ତୋଷ ଛତିଶଗଡ଼ର ଦାନ୍ତେୱାଡ଼ା ନିକଟ କିରଣଡୁଲର ଏକ ମାଇନ୍ସରେ କାର୍ଯ୍ୟ କରୁଥିଲେ । ଗତକାଲି ଅପରାହ୍ନରେ ସେ ଏକ ସ୍କୁଟି ଚଲାଇ ଗିଧମ ଅଂଚଳରୁ ଫେରୁଥିବାବେଳେ ରାସ୍ତାରେ ଅପର ପାର୍ଶ୍ୱରୁ ବାଇକ ନେଇ ଆସୁଥିବା ଜଣେ ପୁଲିସ କର୍ମଚାରୀଙ୍କ ସହିତ ସାମ୍ନାସାମ୍ନୀ ତୀବ୍ର ବେଗରେ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ବିଜାପୁର ଅଂଚଳର ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା । ସନ୍ତୋଷଙ୍କୁ ଉଦ୍ଧାର କରାଯାଇ ଦାନ୍ତେୱାଡାସ୍ଥିତ ସରକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଆଜି ସକାଳେ ଚିକିତ୍ସାଧୀନ ସନ୍ତୋଷଙ୍କର ମୃତ୍ୟୁ ହୋଇଥିଲା। ଛତିଶଗଡ଼ ପୁଲିସ ଏକ ମାମଲା ରୁଜୁ କରିଛି ଏବଂ ଶବ ବ୍ୟବଚ୍ଛେଦ କରାଯାଇଛି । ମୃତ ସନ୍ତୋଷ ଯେନାଙ୍କ ମୃତଦେହ ଆସନ୍ତାକାଲି ସକାଳେ ଅଜମତପୁରରେ ପହଂଚିବ ବୋଲି ଜଣାଯାଇଛି।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଟ୍ରକ୍ ଭିତରେ ଫସିଗଲେ ଡ୍ରାଇଭର

ସୋର, (ସବ୍ୟୁ) : ଗୁରୁବାର ଭୋର୍ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ପଶ୍ଚିମବଙ୍ଗରୁ ବିଶାଖାପାଟଣା ବନ୍ଦର ଅଭିମୁଖେ ସିଲିକନ୍ ବୋଝେଇ କରି ଯାଉଥିବା ଏକ ଟ୍ରଲର (ଡବ୍ଲ୍ୟୁବି ୩୭ ଏମ୍ ୪୦୬୭) କୌଣସି କାରଣରୁ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲା। ଠିକ୍ ଏହି ସମୟରେ ସୋରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଇଣ୍ଡେନ୍ ଗ୍ୟାସ୍ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଉକ୍ତ ଟ୍ରଲରକୁ ପଛରୁ ଜୋରରେ ଧକ୍କା ଦେଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଗଯାସ୍ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ସୋର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ କ୍ୟାବିନ୍ ଭିତରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ବହୁ କଷ୍ଟରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

୨୪୦ ଲିଟର ଦେଶୀମଦ ଜବତ : ଜଣେ ଗିରଫ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଖନ୍ତାପଡ଼ା ଥାନା ଅନ୍ତର୍ଗତ ବାଗଲପୁର ରାସ୍ତାରେ ଜଣେ ଚୋରାମଦ ବିକ୍ରେତାଙ୍କୁ ଧରାଯାଇ ତାଙ୍କ ନିକଟରୁ ୨୪୦ ଲିଟର ଦେଶୀମଦ ଜବଦ କରାଯାଇଛି । ଜବଦ ମଦର ମୂଲ୍ୟ ପ୍ରାୟ ୪୮ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଘଟଣାରେ ସମ୍ପୃକ୍ତ ଚୋରା ମଦ ବିକ୍ରେତା ସୋର ଥାନା ଅନ୍ତର୍ଗତ ପଥର ପେଣ୍ଡ ଗ୍ରାମର ରଶ୍ମିରଂଜନ ମଲ୍ଲିକ (୪୫)ଙ୍କୁ ଗିରଫ କରାଯାଇଛି । ଏବାବଦରେ ଅବକାରୀ ବିଭାଗ ପକ୍ଷରୁ କେଶ୍ ନମ୍ବର ୩୨୦/୨୬-୨୬ ମୂଳେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଅବକାରୀ ବିଭାଗ ପକ୍ଷରୁ ଅଭିରାମ ସାହୁ, ଚନ୍ଦନ ନାୟକ, ଅମିତା ସାହୁ, ଅଲିଭା ମାଝି, ଶିବ୍ ଶଙ୍କର ସିଂ, ଲୋମ୍ବଦର ମହାନ୍ତ, ନୁହାନ ମୁର୍ମୁ, ଗଣେଷ ସିଂ ପ୍ରମୁଖ ସାମିଲ ଥିଲେ ।

ଏସ୍‌ଆର୍‌ସି, ଠାକୁରମୁଣ୍ଡାରେ ଦୁଇ ଦିନିଆ ଟସର ରିଲିଂ ତାଲିମ

ଠାକୁରମୁଣ୍ଡା, (ସବ୍ୟୁ) : କେନ୍ଦ୍ରୀୟ ରେଶମ ବୋର୍ଡ ଆନୁକୂଲ୍ୟରେ ଏସ.ଆର.ସି, ଠାକୁରମୁଣ୍ଡା ଠାରେ ୨ ଦିନିଆ ଟସର ରିଲିଂ ତାଲିମ ପ୍ରଦାନ କରାଯାଇଛି । କେନ୍ଦ୍ରୀୟ ରେଶମ ବୋର୍ଡ , କଟକରୁ ଆସିଥିବା ବୈଷୟିକ ଅଧିକାରୀ ପ୍ରଦୀପ୍ତ କୁମାର ଶତପଥୀ ଓ ଗୟାଧର ଦାସ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ତସର କୋକୁନ ସିଝାଇବା, ରିଲିଂ ମେସିନ ଚଳାଇବା ଏବଂ ଉନ୍ନତ ମାନର ସୂତା ବାହାର କରିବା ବିଷୟରେ ହାତ ଧରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ତାଲିମ ଦ୍ୱାରା ମହିଳାମାନେ ଆତ୍ମନିର୍ଭର ଶୀଳ ହୋଇ ଟସର ସୂତା ଉତ୍ପାଦନ କରି ରୋଜଗାର କରିପାରିବେ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ୨ ଦିନରେ ୫୦ ଜଣ ମହିଳା ତାଲିମ ଗ୍ରହଣ କରିଛନ୍ତି । ଆରଆରଡିଓ ସମ୍ପାଦକ ଶରତ କୁମାର ତ୍ରିପାଠୀ ଶେଷରେ ସଫଳ ତାଲିମ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ମହାସରସ୍ୱତୀ ବେଶରେ ପୂଜା ପାଇଲେ ମା'ଭଦ୍ରକାଳୀ

ଆଜି ମହାଯଜ୍ଞର ପୂର୍ଣ୍ଣାହୂତି



ଭଦ୍ରକ, (ସବ୍ୟୁ) : ପୁରାଣ ବର୍ଣ୍ଣିତ ପ୍ରସିଦ୍ଧ ଶକ୍ତି ପୀଠ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀଙ୍କୁ ସପ୍ତମାତୃକା ବେଶରେ ପୂଜା କରାଯାଉଛି। ସପ୍ତମାତୃକା ବେଶର ଷଷ୍ଠ ଦିବସରେ ମା'ମହାସରସ୍ୱତୀ ବେଶ ଧାରଣ କରିଛନ୍ତି। ମା ଭଦ୍ରକାଳୀଙ୍କ ଏହି ମହାସରସ୍ୱତୀ ବେଶକୁ ଭକ୍ତମାନେ ଦର୍ଶନ କରିବା ନିମନ୍ତେ ପୀଠରେ ଭିଡ଼ ଦେଖିବାକୁ ମିଳିଛି। ମା ଶ୍ୱେତପାଟ ବସ୍ତ୍ର ପରିଧାନ କରିଥିଲେ। ମା'ଙ୍କ ମୁଖମଣ୍ଡଳ ଶ୍ୱେତ ବର୍ଣ୍ଣ ଥିବାବେଳେ ହଂସ ବାହନରେ ମା ବିରାଜ ମାନ କରିଛନ୍ତି। ହସ୍ତରେ ବେଦ,ଜପା ମାଳି ଓ ବୀଣା ଧାରଣ କରି ଚତୁର୍ଭା। ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ପୀଠରେ ମହାଯଜ୍ଞର ଷଷ୍ଠ ଦିବସରେ ଗୀତା ପାଠ, ବେଦ ପାଠ, ଚଣ୍ଡୀ ପାଠ, ରୁଦ୍ରା ଭିଷେକ ଓ ନାମ ସଂକୀର୍ତ୍ତନ ଚାଲିଛି । ମା ଭଦ୍ରକାଳୀ ପୀଠର ଏହି ନିଆରା ଆଧ୍ୟାତ୍ମିକ ପରିବେଶ ଭକ୍ତମାନଙ୍କୁ ଆକର୍ଷିତ କରୁଛି। ଶନିବାର ସପ୍ତ ମାତୃକା ବେଶର ଅନ୍ତିମ ଦିବସ । ଏହି ଅନ୍ତିମ ଦିବସରେ ମା'ମହାଲକ୍ଷ୍ମୀ ବେଶ ଧାରଣ କରି ପୂଜା ପାଇବେ। ଶନିବାର ଅପରାହ୍ନ ୫ଘଟିକା ସମୟରେ ମଧ୍ୟ ମହାଯଜ୍ଞର ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ଓ ଯଜ୍ଞ କମିଟି ତରଫରୁ ପ୍ରସ୍ତୁତି ବୃଦ୍ଧାନ୍ତ ହୋଇଛି । ପୂର୍ଣ୍ଣାହୂତି ଅବସରରେ ଯଜ୍ଞ କମିଟି ତରଫରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପହୁଡ଼ ପ୍ରସାଦ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ପୂର୍ଣ୍ଣାହୂତି ପର୍ବ ନିମନ୍ତେ ତତ୍ପରତା ପ୍ରକାଶ ପାଇଛି ।

ମଧୁବାବୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ



ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ସ୍ତରୀୟ ମଧୁବାବୁ ପେନସନ ଯୋଜନା ର ଯୋଗ୍ୟ ନୂତନ ହିତାଧିକାରୀ ମାନଙ୍କୁ ନେଇ ଶୁକ୍ରବାର ଦିନ ବ୍ଲକ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଠାକୁରମୁଣ୍ଡା ବ୍ଲକ ରେ ମୋଟ ୨୨୦୦ ଜଣ ନୂତନ ଭାବରେ ହିତାଧିକାରୀ ମଧୁବାବୁ ପେନସନ ଯୋଜନା ରେ ଯୋଡି ହୋଇଛନ୍ତି।

ବ୍ଲକ ପରିସର ରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସପନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ।କୌଣସି ଯୋଗ୍ୟ ବୟୋଜ୍ୟେଷ୍ଠ, ବିଧବା, ବିକଳାଙ୍ଗ ମାନେ ଭତ୍ତା ପାଇବାରୁ ବଞ୍ଚିତ ହେବେ ନାହିଁ। ପ୍ରତ୍ୟେକ ମାସ ନିର୍ଦ୍ଧାରିତ ସମୟରେ ସମସ୍ତ ହିତାଧିକାରୀ ଭତ୍ତା ପାଇବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବରେ ସାଂସଦ ଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ଯୋଗ ଦେଇ ଥିଲେ।ପୂର୍ବରୁ ଭତ୍ତା ପାଇବାକୁ ଆବେଦନ କରି ଦୀର୍ଘ ମାସ ଧରି ଅପେକ୍ଷା କରିବାକୁ ପଡିଥିଲା।ଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ଯାଇ ଭତ୍ତା ପାଇଁ ଆବେଦନ କରି ଅପେକ୍ଷା ରେ ଥିବା ବ୍ୟକ୍ତି ଭତ୍ତା ପାଇପାରୁଥିଲେ କିନ୍ତୁ ଏବେ ଭତ୍ତା ଆବେଦନ କରିବାର ୧ ମାସ ପରେ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇପାରିବେ ବୋଲି କହିଥିଲେ।ଏହି ଅବସର ରେ ଦିଗଧର ସରପଞ୍ଚ ମଳୟ କୁମାର ପରିମାଣିକ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରେ ବ୍ଲକ ର ବିଭିନ୍ନ ଗ୍ରାମରୁ ଭତ୍ତା ପାଇବାକୁ ଉପସ୍ଥିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ମାନେ ଭତ୍ତା କାର୍ଡ ସହିତ ୨ ମାସ ର ନଗଦ ୨୦୦୦ ଟଙ୍କା ଭତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ମଞ୍ଚକୁ ବ୍ଲକ ଏପିଓ ଧ୍ୟାନଚାନ୍ଦ ମହାନ୍ତ ପରିଚାଳନା କରିଥିଲେ ।

୧୦ ବାଲି ବୋଝେଇ ହାଇୱା ଜବତ, ୪ ଅଟକ

କେନ୍ଦୁଝର, (ଜିପ୍ର) : ବୈତରଣୀ ନଦୀରୁ ପୁଣି ଆରମ୍ଭ ହୋଇଯାଇଛି ବାଲି ଚୋରା ଚାଲାଣ । ସରକାରୀ ନିୟମକୁ ଉଲ୍ଲଂଘନ କରି ବିନା ଟ୍ରାନଜିଟ ପାସ୍ରେ ବାଲି ପରିବହନ ଚାଲିଛି । ଶହଶହ ବାଲି ବୋଝେଇ ହାଇୱା ଯାତାୟାତ କରୁଥିବାରୁ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି। ଗତକାଲି ରାତିରେ ପ୍ରଶାସନ ଓ ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପକ୍ଷରୁ ଚଢଉ କରାଯାଇ ୧୦ଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି । ଚାରିଜଣ ଚାଳକଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି।

ଅକ୍ଟୋବର ୧୫ ତାରିଖ ପରେ ବାଲିଘାଟ ଗୁଡିକ ଖୋଲିଛି। ଏହା ପରଠାରୁ ନଦୀରୁ ବାଲି ଉତ୍ତୋଳନ ଓ ପରି

ସମ୍ପାଦକୀୟ

ସଂସଦର ସ୍ୱଳ୍ପକାଳୀନ ଅଧିବେଶନ

ଆସନ୍ତା ୨୦୨୯ରେ ଲୋକସଭା ଓ ବିଧାନସଭା ମାନଙ୍କରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସହିତ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଲୋକସଭା ଆସନ ବୃଦ୍ଧି ଲାଗି କେନ୍ଦ୍ରର ଏନଡିଏ ସରକାରଙ୍କର ଏକ ପ୍ରକାର ସଂଘର୍ଷପୂର୍ଣ୍ଣ ଉଦ୍ୟମ ସଫଳ ହେବାକୁ ଯାଉଥିବା ପରି ମନେହେଉଛି । ଇତିମଧ୍ୟରେ ସଂସଦରେ ଏକ ସ୍ୱଳ୍ପକାଳୀନ ଅଧିବେଶନ ଡକାଯିବା ଲାଗି ବ୍ୟବସ୍ଥା ହେଉଛି । ଏନ୍‌ଡିଏ ମେଣ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି ଯେ ମହିଳାମାନଙ୍କ ସ୍ଥାନ ସଂରକ୍ଷଣ ତଥା ଲୋକସଭାର ଆସନ ବୃଦ୍ଧି ପାଇଁ ଲୋକସଭାରେ ଆବଶ୍ୟକ ପଡୁଥିବା ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା । ଆଉ ଅନ୍ତରାୟ ସୃଷ୍ଟି କରିବ ନାହିଁ। ସମ୍ବିଧାନ ସଂଶୋଧନ ବିଧେୟକ ଜରିଆରେ ସମର୍ଥନ ଲୋଡ଼ାଗଲେ ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାର ଆବଶ୍ୟକୀୟ ସମର୍ଥନ ସଂଖ୍ୟାଠାରୁ ପନ୍ଦରରୁ ଅଠର ପର୍ଯ୍ୟନ୍ତ ସାଂସଦଙ୍କର ଅଧିକ ସମର୍ଥନ ପାଇପାରିବ ବୋଲି ଏନ୍‌ଡିଏ ମେଣ୍ଟ ଆଶା ପ୍ରକାଶ କରିଛି । ଏହି ମେଣ୍ଟକୁ କିପରି ଅଧିକ ସମର୍ଥନ ମିଳିବ ସେ ବିଷୟଟିକୁ ବିଜେପିର ଜଣେ କର୍ମକର୍ତ୍ତା ଗୋପନ ରଖିଛନ୍ତି ।

ବିରୋଧୀ କଂଗ୍ରେସ ଦଳଏପରି ସ୍ୱତନ୍ତ୍ର ଅଧିବେଶନକୁ ସମାଲୋଚନା କରିପାରେ ଏବଂ ଲୋକସଭାରେ ଏହି ମହିଳା ସଂରକ୍ଷଣ ତଥା ଲୋକସଭାର ଆସନ ବୃଦ୍ଧି ସଂକ୍ରାନ୍ତୀୟ ବିଧେୟକ ଯେପରି ପାରିତ ନହୁଏ, ସେଥିପାଇଁ ଉଦ୍ୟମ ଜାରି ରଖିପାରେ । ମାତ୍ର ଏହି ବିଲ୍‌କୁ ପାରିତ କରି ଆଇନରେ ପରିଣତ କରିବାକୁ କେନ୍ଦ୍ରର ମୋଦି ସରକାର ସଂକଳ୍ପବଦ୍ଧ । ୨୦୨୯ରେ ଏହି ଆଇନ କାର୍ଯ୍ୟକାରୀ ହେଲେ, ଅନେକ ମହିଳାଙ୍କୁ ଲୋକସଭା ଓ ବିଧାନସଭା ମାନଙ୍କରେ ପ୍ରାର୍ଥୀ କରାଯିବ । ପୁରୁଷପ୍ରଧାନ ସମାଜର ଗର୍ବ ମଧ୍ୟ ଚୂର୍ଣ୍ଣ ହେବ । ଲୋକସଭାର ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଯୁବସମାଜ ଓ ଅଭିଜ୍ଞ ବୁଦ୍ଧିଜୀବୀମାନେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ ଲାଗି ସୁଯୋଗ ମଧ୍ୟ ପାଇପାରିବେ ।

ମାତ୍ର ମୋଦି ସରକାର କିପରି ସଂବିଧାନ ସଂଶୋଧନ ବିଲ୍ ଜରିଆରେ ଅଧିକ ସମର୍ଥନ ଲାଭ କରିବେ ତାହାର ସୂଚନା ମିଳୁଛି । ଡିଏମକେ ଏବେ କଂଗ୍ରେସ ନେତୃତ୍ୱରେ ଥିବା ଇଣ୍ଡିମେଣ୍ଟର ଆଉ ସମର୍ଥକ ନୁହେଁ । ସେହିପରି ଏନ୍‌ସିପି (ଏସ୍‌ପି) ମଧ୍ୟ ପୂର୍ବରୁ ସୂଚନା ଦେଇଥିଲା ଯେ ଯଦି କୌଣସି ରାଜ୍ୟ ପ୍ରତି ପାତର ଅନ୍ତର କରାଯାଇ ନ ଥାଏ ଏବଂ ଏକ ସ୍ୱଚ୍ଛତା ମାର୍ଗରେ ମହିଳା ସଂରକ୍ଷଣ ବିଲ୍‌ଟି ଲୋକସଭାରେ ପାରିତ କରାଯିବାର ଉଦ୍ୟମ ହୁଏ, ତେବେ କେନ୍ଦ୍ରର ମୋଦି ସରକାରଙ୍କୁ ତାଙ୍କ ଦଳ ସମର୍ଥନ କରିବ । ସେହିପରି ଉଭୟ ବିଜେପି ଓ କଂଗ୍ରେସ ଦଳ ଠାରୁ ସମଦୂରତା ରକ୍ଷା କରିଆସୁଥିବା ବିଜେଡି ରାଜ୍ୟ ବିଧାନସଭାରେ ମହିଳାଙ୍କ ଏପରି ସଂରକ୍ଷଣ ସଂକ୍ରାନ୍ତରେ ଉଦ୍ୟମ ପ୍ରଥମେ ଆରମ୍ଭ କରିଥିଲା । ଯଦିଓ ଲୋକସଭାରେ ଜଣେ ମାତ୍ର ସାଂସଦ ବିଜେଡିର ଅଛନ୍ତି । ସେ ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କୁ ସମର୍ଥନ ଜଣାଇବା ପରି ମନେହେଉଛି ।

ମାତ୍ର ପ୍ରଶ୍ନ ଉଠୁଛି, ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ହୋଇଥାଏ । ସଂସଦର ମୌସୁମୀ ବା ବର୍ଷାକାଳୀନ ଅଧିବେଶନ ଗତ ଅଗଷ୍ଟ ୧୩ (୨୦୨୬)ରେ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ଥିଲେ ମଧ୍ୟ ପ୍ରୋରୋଗ ବା ସତ୍ର ଅବସାନ ଘୋଷଣା କରାଯାଇ ନାହିଁ । ତେଣୁ କେନ୍ଦ୍ର ସରକାର ତାହାର ସୁଯୋଗ ନେଇ ଏହି ଅଧିବେଶନକୁ ସ୍ୱତନ୍ତ୍ର ଭାବେ ସ୍ୱଳ୍ପକାଳ ଲାଗି ଡାକିବେ । ସଂସଦୀୟ ବ୍ୟାପାର ବିଭାଗ ଶୀଘ୍ର ନୋଟିସ ଜାରି କରି ସଂସଦର ଏହି ସ୍ୱତନ୍ତ୍ର ଅଧିବେଶନ ଡାକିପାରିବେ ।

ବିରୋଧୀ କଂଗ୍ରେସ ଦଳ ଏପରି ସ୍ୱତନ୍ତ୍ର ଅଧିବେଶନକୁ ସମାଲୋଚନା କରିପାରେ ଏବଂ ଲୋକସଭାରେ ଏହି ମହିଳା ସଂରକ୍ଷଣ ତଥା ଲୋକସଭାର ଆସନ ବୃଦ୍ଧି ସଂକ୍ରାନ୍ତୀୟ ବିଧେୟକ ଯେପରି ପାରିତ ନହୁଏ, ସେଥିପାଇଁ ଉଦ୍ୟମ ଜାରି ରଖିପାରେ । ମାତ୍ର ଏହି ବିଲ୍‌କୁ ପାରିତ କରି ଆଇନରେ ପରିଣତ କରିବାକୁ କେନ୍ଦ୍ରର ମୋଦି ସରକାର ସଂକଳ୍ପବଦ୍ଧ । ୨୦୨୯ରେ ଏହି ଆଇନ କାର୍ଯ୍ୟକାରୀ ହେଲେ, ଅନେକ ମହିଳାଙ୍କୁ ଲୋକସଭା ଓ ବିଧାନସଭା ମାନଙ୍କରେ ପ୍ରାର୍ଥୀ କରାଯିବ । ପୁରୁଷପ୍ରଧାନ ସମାଜର ଗର୍ବ ମଧ୍ୟ ଚୂର୍ଣ୍ଣ ହେବ । ଲୋକସଭାର ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଯୁବସମାଜ ଓ ଅଭିଜ୍ଞ ବୁଦ୍ଧିଜୀବୀମାନେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ ଲାଗି ସୁଯୋଗ ମଧ୍ୟ ପାଇପାରିବେ ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।

(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ ।

samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ



ଦଶରଥ ହେମ୍ବ୍ରମ୍



ଭାରତର ଇତିହାସରେ ଆଦିବାସୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ସେମାନଙ୍କ ସାହସୀ ଆଦିବାସୀ ସମ୍ପ୍ରଦାୟର ତ୍ୟାଗ, ସଂଘର୍ଷ ଓ ବୀରତ୍ୱକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ସମଗ୍ର ଦେଶରେ 'ଜନଜାତୀୟ ଗୌରବ ଦିବସ' ପାଳନ କରାଯାଏ। ଏହି ଦିବସରେ ମହାନ ଆଦିବାସୀ ନେତା, ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ହୋଇଥାଏ। ୨୦୨୧ରେ ଭାରତ ସରକାର ନଭେମ୍ବର ୧୫କୁ ଆନୁଷ୍ଠାନିକ ଭାବେ ଜନଜାତୀୟ ଗୌରବ ଦିବସ ଘୋଷଣା କରିଥିଲେ।

ଆଦିବାସୀଙ୍କ ଗୌରବ ଏବଂ ଅସ୍ମିତାର ପ୍ରତୀକ ହେଉଛନ୍ତି ଭଗବାନ ବିର୍ସା ମୁଣ୍ଡା। ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ସେ ବିହାର ପ୍ରଦେଶ (ବର୍ତ୍ତମାନର ଝାଡଖଣ୍ଡ)ର ରାଞ୍ଚିରେ ଥିବା ଏକ ଉଲିହାତୁ ଗ୍ରାମରେ ଜନ୍ମ ହୋଇଥିଲେ। ଶିକ୍ଷାପ୍ରାପ୍ତ ସମୟରେ ଜଇପାଲ ନାଗଙ୍କ ସହ ସାକ୍ଷାତ ହୋଇଥିଲା। ଶୁଣାଯାଏ, ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତ ବିଷୟ ନେଇ ସେ ଅବଗତ ହୋଇଥିଲେ। ଯେତେବେଳେ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ସମାପ୍ତ ପରେ ସେ ଜର୍ମାନ ମିଶନାରୀ ସ୍କୁଲରେ ନାମ ଲେଖାଇଥିଲେ। ସେହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର୍ ଡେଡଲକ୍ ଓ ଫାଦର୍ ନୋଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ। ସେତେବେଳେ ସରଳ ନିରୀହ ଆଦିବାସୀମାନଙ୍କୁ ଭୟଭୀତ କରାଇ ଧର୍ମ ପରିବର୍ତ୍ତନ କରାଯାଉଥିବା ବେଳେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ମର୍ମାହତ କରିଥିଲା। ଏଥିପାଇଁ ବିର୍ସା ମୁଣ୍ଡା ଉଚ୍ଚ ଶିକ୍ଷାରୁ ନିବୃତ ରହି ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜମାନଙ୍କ ବିରୋଧରେ ସେ ମହାଯୁଦ୍ଧ ପାଇଁ ଡାକରା ଦେଇଥିଲେ।

୧୮୮୬ ରୁ ୧୮୯୦ ମଧ୍ୟରେ ଚାଲିଥିବା "ସର୍ଦ୍ଦାର ଆନ୍ଦୋଳନ'ରେ ବିର୍ସା ମୁଣ୍ଡାଙ୍କ ଯୋଗଦାନ ପରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏହି ଆନ୍ଦୋଳନରେ ମୁଣ୍ଡା ଏବଂ ଓରାଓଁ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମ୍ୟ ମୁଖିଆମାନେ ନେତୃତ୍ୱ ନେଇଥିଲେ। ସେତେବେଳେ ଆଦିବାସୀମାନଙ୍କର ସାମାଜିକ ଜମି ବ୍ୟବସ୍ଥା ଥିଲା, ଯାହାକୁ "ଖୁଣ୍ଟକାଟି ବ୍ୟବସ୍ଥା' କୁହାଯାଏ। କିନ୍ତୁ, ବାହାରୁ ଆସିଥିବା ଜମିଦାର ଓ ମଧ୍ୟସ୍ଥିମାନେ ଆଦିବାସୀ ଜମିଗୁଡ଼ିକୁ ଜବରଦସ୍ତି ନିଜ ଅଧୀନକୁ ନେଇଯିବାରୁ ୧୮୮୭ରେ ହଜାର ହଜାର ଚାଷୀ ଜମିଦାରମାନଙ୍କୁ ଖଜଣା ଦେବା ବନ୍ଦ କରିଦେଇଥିଲେ। ଆଦିବାସୀମାନେ ଭାବିଥିଲେ ଯେ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ ମିଶନାରୀମାନେ ଜମି ଫେରାଇବାରେ ସାହାଯ୍ୟ କରିବେ ବୋଲି, କିନ୍ତୁ ମିଶନାରୀମାନେ ବ୍ରିଟିଶ ସରକାରଙ୍କ ସହ ହାତ ମିଳାଇ ଆଦିବାସୀଙ୍କୁ ଅତ୍ୟଧିକ ନିର୍ଯ୍ୟାତନା ଦେଇଥିଲେ। ସର୍ଦ୍ଦାରମାନେ ମିଶନାରୀମାନଙ୍କୁ ବିରୋଧ କରିବା ଆରମ୍ଭ କଲେ ଏବଂ ଖ୍ରୀଷ୍ଟିୟାନ ଧର୍ମ ଛାଡ଼ି ନିଜ ସଂସ୍କୃତିକୁ ଫେରିଆସିଲେ। ଏହି ଆନ୍ଦୋଳନକୁ ବଳପୂର୍ବକ ଦବାଇବାକୁ ଚେଷ୍ଟା କରାଯାଇଥିବା ସତ୍ତ୍ୱେ ଆଦିବାସୀମାନଙ୍କ ମଧ୍ୟରେ ଏକ ବଡ଼ ରାଜନୈତିକ ଓ ସାମାଜିକ ସଚେତନତା ସୃଷ୍ଟି ହୋଇଥିଲା। ତାହାର ବିଫଳତା ଓ ଅସନ୍ତୋଷରୁ ହିଁ ପରବର୍ତ୍ତୀ ସମୟରେ ଐତିହାସିକ "ଉଲଗୁଲାନ' ବା ମୁଣ୍ଡା ବିଦ୍ରୋହ ଜନ୍ମ ନେଇଥିଲା, ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆ ଦୋହଲାଇ ଦେଇଥିଲା।

ବିର୍ସା ମୁଣ୍ଡା ୧୮୯୪ରେ ଭାରତରେ ହୋଇଥିବା ଦୁର୍ଭିକ୍ଷ ଏବଂ ମହାମାରୀ ନେଇ ବ୍ରିଟିଶ ଶାସକଙ୍କୁ କର ଛାଡ଼ ଆନ୍ଦୋଳନ କରିବା ସମୟରେ ଲୋକଙ୍କୁ ସାହାଯ୍ୟ କରିବାଦ୍ୱାରା ତାଙ୍କର ଲୋକପ୍ରିୟତା ବଢ଼ିଥିଲା। ଫଳରେ ଖ୍ରୀଷ୍ଟିୟାନ ଧର୍ମ ଛାଡ଼ି ଅନେକ ଆଦିବାସୀ ନିଜ ଧର୍ମକୁ ଫେରାଇ ଆଣିଥିବାରୁ ଲୋକମାନେ ତାଙ୍କୁ "ଧର୍ମବାବା" ବୋଲି ସମ୍ବୋଧନ କରିଲେ। ସେଦିନଠାରୁ ବିର୍ସା ମୁଣ୍ଡା ହେଇଗଲେ "ଭଗବାନ" ବା "ଧରତି ବାବା" କିନ୍ତୁ ଇଂରେଜ ପାଦ୍ରୀମାନଙ୍କ ପାଖରେ ଭଗବାନ ବିର୍ସା ପାଲଟିଥିଲା ଜଣେ ଅପରାଧୀ ଓ ସଇତାନ। ୧୮୯୫ ମସିହା ଅଗଷ୍ଟ ୧୬ ଦିନ ବିର୍ସା ମୁଣ୍ଡା ଓ ୧୫ ଜଣ ସହଯୋଗୀଙ୍କୁ ପୋଲିସ୍ ଗିରଫ କରିଥିଲା। ଦେଶଦ୍ରୋହ ଅପରାଧରେ ସେମାନକୁ ଦୁଇବର୍ଷ କାରାଦଣ୍ଡ ମଧ୍ୟ ଦିଆଯାଇଥିଲା।

୧୮୯୭ ରୁ ୧୯୦୦ ମସିହା ମଧ୍ୟରରେ ବିର୍ସା ମୁଣ୍ଡା ବ୍ରିଟିଶ ସହିତ ଲଢ଼େଇ କରିଥିଲେ। ଅଗଷ୍ଟ ମାସ ୧୮୯୭ରେ ଖୁଣ୍ଟି ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରାଗଲା। ୧୮୯୮ରେ ଟାଙ୍ଗୀ ନଦୀ ଉପକୂଳରେ ବ୍ରିଟିଶ ସୈନ୍ୟଙ୍କ ସହିତ ମୁହାଁମୁହିଁ ଯୁଦ୍ଧ ହେଲା। ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଲା, ଧନୁ ତୀର ଓ ବର୍ଚ୍ଛା ଧରି ଗୋରା ଇଂରେଜମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। କିନ୍ତୁ ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ବିଦ୍ରୋହକାରୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣ ଶହୀଦ ହୋଇଥିଲେ। ଡୋମ୍ବାଡି ପାହାଡ଼ ଉପରେ ପୁଣି ଇଂରେଜ ସହ ମୁହାଁ ମୁହିଁ ହୋଇ ଘୋମାଘୋଟ ଲଢ଼େଇ ହୋଇଥିଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଏବଂ ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ କନେଷ୍ଟବଳଙ୍କୁ ହତ୍ୟା କରାଯାଇଥିଲା। ସଶସ୍ତ୍ର ପୋଲିସ୍ ବାହିନୀ ଗୟା ମୁଣ୍ଡାଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ବିର୍ସା ମୁଣ୍ଡା ଖସି ପଳାଇବାରେ ସକ୍ଷମ ହୋଇଥିଲେ।

ବିର୍ସାଙ୍କୁ ଧରିବା ପାଇଁ ବ୍ରିଟିଶ୍ ସରକାର ପାଞ୍ଚଶହ ଟଙ୍କା ଅର୍ଥ ପୁରସ୍କାର ଘୋଷଣା କରିଥିଲେ। ଇଂରେଜ ପୋଲିସ ବିର୍ସାଙ୍କ ସନ୍ଧାନ ନ ପାଇବାରୁ ମୁଣ୍ଡାମାନଙ୍କ ଉପରେ ବ୍ରିଟିଶମାନେ ଅମାନୁଷିକ ଅତ୍ୟାଚାର କଲେ। ସେମାନଙ୍କ ଘରେ ନିଆଁ ଲଗାଇଦେଲେ। ଇଂରେଜମାନଙ୍କ ଏହିଭଳି ଅମାନୁଷିକ କାର୍ଯ୍ୟରୁ ସେମାନଙ୍କୁ ରକ୍ଷା ପାଇବା ପାଇଁ ବିର୍ସାଙ୍କ ସହକର୍ମୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଆତ୍ମସମର୍ପଣ କରିଥିଲେ। ଏହି ସମୟରେ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିତା ମାରିଆ ପାଞ୍ଚ ଶହ ଟଙ୍କା ଲୋଭରେ ବିର୍ସା ମୁଣ୍ଡା ଲୁଚିରହିଥିବାର ଖବର ଇଂରେଜ ସରକାରକୁ ଜଣାଇ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ରାଞ୍ଚି ଜେଲରେ ଥିବା ବେଳେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିବାରୁ ଜୁନ୍ ୯ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନ ଥିଲା ସଂଘର୍ଷର, ତାଙ୍କର ଚିନ୍ତାଧାରା ଥିଲା ମୁକ୍ତିର ଓ ତାଙ୍କର ମୃତ୍ୟୁ ଥିଲା ଏକ ଅମର ବଳିଦାନର ଗାଥା। ମାତ୍ର ୨୫ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଯେଉଁ ସାହସ, ନେତୃତ୍ୱ ଓ ଆତ୍ମତ୍ୟାଗର ପରିଚୟ ଦେଇଥିଲେ, ତାହା ଇତିହାସରେ ବିରଳ। ସେ ଆମକୁ ଶିଖାଇ ଦେଇଛନ୍ତି ଯେ ଅଧିକାର ପାଇଁ ସଂଗ୍ରାମ କରିବା ଅନ୍ୟାୟ ନୁହେଁ, ବରଂ ଏହା ଆତ୍ମସମ୍ମାନର ପ୍ରତୀକ। ନିଜ ମାଟି, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ପରିଚୟକୁ ସୁରକ୍ଷା ଦେବା ପ୍ରତ୍ୟେକ ମଣିଷର ନୈତିକ ଦାୟିତ୍ୱ। ତାଙ୍କର ସଂଗ୍ରାମ ଆମକୁ ଏକତା, ସାହସ, ସ୍ୱାଭିମାନ ଓ ସାମାଜିକ ନ୍ୟାୟର ମହତ୍ତ୍ୱ ବୁଝାଇଥାଏ। ଭଗବାନ ବିର୍ସା ମୁଣ୍ଡା ଆଜି ଆଉ ଆମ ମଧ୍ୟରେ ନାହାନ୍ତି, କିନ୍ତୁ ତାଙ୍କର ନାମ, ତ୍ୟାଗ, ସାହସ ଓ ସଂଗ୍ରାମର ଗାଥା ଯୁଗ ଯୁଗ ଧରି ଅମର ହୋଇ ରହିବ। ସେ ଆଦିବାସୀ ସମାଜକୁ କେବଳ ସଂଗଠିତ କରିନଥିଲେ, ବରଂ ଶୋଷଣ ଓ ଅନ୍ୟାୟ ବିରୋଧରେ ମୁଣ୍ଡ ଟେକି ବଞ୍ଚିବାର ମନ୍ତ୍ର ଶିଖାଇଥିଲେ। ତେଣୁ ଭଗବାନ ବିର୍ସା ମୁଣ୍ଡା କେବଳ ଆଦିବାସୀଙ୍କ ନୁହନ୍ତି, ସମଗ୍ର ଭାରତବର୍ଷର ଗର୍ବ ଓ ଗୌରବ। ତାଙ୍କର ଜନ୍ମଦିନକୁ ଭାରତ ସରକାର 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରୁଛନ୍ତି। ଏହା କେବଳ ଜଣେ ମହାନ ବିପ୍ଳବୀଙ୍କୁ ସ୍ମରଣ କରିବାର ଦିନ ନୁହେଁ, ବରଂ ତାଙ୍କର ଅବଦାନ ଓ ବଳିଦାନକୁ ସମ୍ମାନ ଜଣାଇବାର ଏକ ପବିତ୍ର ଅବସର।

(ଜନଜାତୀୟ ଗୌରବ ଦିବସ ଉପଲକ୍ଷେ)

ବାଲେଶ୍ୱର, ମୋ- ୯୩୩୭୪୦୪୨୫୪

ମଧୁମେହ ରୋଗର ଯୋଗ ଉପଚାର



ସନାତନ ମହାକୁଡ଼

ମଧୁମେହ (Diabetes Mellitus) ହେଉଛି ଏକ ଦୀର୍ଘକାଳୀନ ରୋଗ, ଯେଉଁଥିରେ ରକ୍ତରେ ଶର୍କରା (ଗ୍ଲୁକୋଜ୍)ର ପରିମାଣ ସ୍ୱାଭାବିକ ଠାରୁ ଅଧିକ ହୋଇଯାଏ। ଆମ ଶରୀରର ଅଗ୍ନ୍ୟାଶୟ (Pancreas) ଇନ୍‌ସୁଲିନ୍ (Insulin) ନାମକ ହରମୋନ୍ ଉତ୍ପାଦନ କରେ। ଇନ୍‌ସୁଲିନ୍ ଶରୀରର କୋଷଗୁଡ଼ିକୁ ଗ୍ଲୁକୋଜ୍ ବ୍ୟବହାର କରିବାରେ ସାହାଯ୍ୟ କରେ। ଇନ୍‌ସୁଲିନ୍ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ ନ ହେଲେ କିମ୍ବା ଶରୀର ଏହାକୁ ଠିକ୍ ଭାବରେ ବ୍ୟବହାର କରି ନ ପାରିଲେ ମଧୁମେହ ହୋଇଥାଏ।

ମଧୁମେହ ରୋଗର ମୁଖ୍ୟ କାରଣ ଗୁଡ଼ିକ ହେଲା-

୧. ବଂଶଗତ କାରଣ

ପରିବାରରେ ବାପା, ମାଆଙ୍କର ମଧୁମେହ ଥିଲେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ।

୨. ଶାରୀରିକ ପରିଶ୍ରମର ଅଭାବ

ଦୀର୍ଘ ସମୟ ବସି ରହିବା। ନିୟମିତ ଚାଲିବା କିମ୍ବା ବ୍ୟାୟାମ ନ କରିବା।ଦୈନନ୍ଦିନ ଜୀବନରେ ଶାରୀରିକ କାର୍ଯ୍ୟକଳାପ କମ୍ ରହିବା।ଏହି କାରଣଗୁଡ଼ିକ ଟାଇପ୍-୨ ମଧୁମେହର ଆଶଙ୍କା ବଢ଼ାଇପାରେ।

୩. ଅସନ୍ତୁଳିତ ଖାଦ୍ୟାଭ୍ୟାସ

ଅତ୍ୟଧିକ ମିଠା ଖାଇବା ଓ ଚିନିଯୁକ୍ତ ପାନୀୟ ପିଇବା। ବାରମ୍ବାର ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା। ଖାଦ୍ୟରେ ଶାଗ, ପନିପରିବା, ଫଳ ଓ ଆହାରଜନିତ ତନ୍ତୁର ଅଭାବ ରହିବା। ଦୀର୍ଘକାଳ ଧରି ଆବଶ୍ୟକତାଠାରୁ ଅଧିକ କ୍ୟାଲୋରି ଗ୍ରହଣ କରିବା।

୪. ଅତ୍ୟଧିକ ଶରୀର ଓଜନ

ଶରୀରରେ ବିଶେଷକରି ପେଟ ଚାରିପାଖରେ ଅଧିକ ଚର୍ବି ଜମା ହେଲେ ଇନ୍‌ସୁଲିନ୍‌ର କାର୍ଯ୍ୟକ୍ଷମତା କମିଯାରେ। ଏହାକୁ ଇନ୍‌ସୁଲିନ୍ ପ୍ରତିରୋଧ (Insulin Resistance) କୁହାଯାଏ।

୫. ମାନସିକ ଚାପ

ଦୀର୍ଘକାଳୀନ ମାନସିକ ଚାପ ଶରୀରର ହରମୋନ୍ ଓ ରକ୍ତ ଶର୍କରା ସ୍ତରକୁ ପ୍ରଭାବିତ କରିପାରେ। ଏହା ମଧୁମେହର ଆଶଙ୍କା କିମ୍ବା ପୂର୍ବରୁ ଥିବା ମଧୁମେହକୁ ନିୟନ୍ତ୍ରଣ କରିବାରେ ସମସ୍ୟା ବଢ଼ାଇପାରେ।

୬. ବୟସ ବୃଦ୍ଧି

ବୟସ ବଢ଼ିବା ସହିତ ଟାଇପ୍-୨ ମଧୁମେହର ଆଶଙ୍କା ବଢ଼ିପାରେ। ତେବେ ଏହା କେବଳ ବୟସ୍କ ଲୋକଙ୍କ ରୋଗ ନୁହେଁ; ଛୋଟ ପିଲା ଓ ଯୁବକଯୁବତୀଙ୍କ ଠାରେ ମଧ୍ୟ ହୋଇପାରେ।

୭. ନିଦ୍ରାର ଅଭାବ

ନିୟମିତ ଭାବରେ ପର୍ଯ୍ୟାପ୍ତ ନିଦ୍ରା ନ ହେବା ଓ ନିଦ୍ରା ସମ୍ବନ୍ଧୀୟ କେତେକ ସମସ୍ୟା ଟାଇପ୍-୨ ମଧୁମେହର ଆଶଙ୍କା ବଢ଼ାଇପାରେ।

୮. ହରମୋନ୍ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା

କେତେକ ହରମୋନ୍‌ଜନିତ ରୋଗ, ଅଗ୍ନ୍ୟାଶୟର କ୍ଷତି ଓ କିଛି ଔଷଧର ବ୍ୟବହାର ମଧୁମେହ ହେବାର କାରଣ ହୋଇପାରେ।

୯. ଗର୍ଭାବସ୍ଥା

ଗର୍ଭାବସ୍ଥାରେ କେତେକ ମହିଳାଙ୍କଠାରେ ମଧୁମେହ ଦେଖାଦିଏ। ଏହାକୁ ଗର୍ଭାବସ୍ଥାଜନିତ ମଧୁମେହ (Gestational Diabetes) କୁହାଯାଏ।

**ମଧୁମେହର ପ୍ରକାର ଭେଦ ଗ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨୬ ମୃତ...

ହୋଇଥିବା ଗତିସୀମା ନିୟମକୁ ଉଲ୍ଲଂଘନ କରିଥିଲା । ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଏକ କଣ୍ଟେନର୍ ଟ୍ରକ୍ ସହ ଧକ୍କା ହୋଇଥିବା ପ୍ରାଥମିକ ଅନୁମାନ କରାଯାଉଛି ।

ଏହି ଦୁର୍ଘଟଣାକୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି, "କାଜିରଙ୍ଗାରେ ଆଜି ଘଟିଥିବା ଦୁଃଖଦ ଦୁର୍ଘଟଣାରେ ମୁଁ ଗଭୀର ଭାବେ ମର୍ମାହତ । ଏହି ବିପୁଳ ଜୀବନହାନି ଆମ ସମସ୍ତଙ୍କୁ ଦୋହଲାଇ ଦେଇଛି । ନିଜ ପ୍ରିୟଜନଙ୍କୁ ହରାଇଥିବା ପ୍ରତ୍ୟେକ ପରିବାର ପ୍ରତି ମୋର ଗଭୀର ସମବେଦନା ରହିଛି । ସେମାନଙ୍କ ଦୁଃଖକୁ ଶବ୍ଦରେ ଦୂର କରିହେବ ନାହିଁ। ଏହି ଦୁଃଖଦ ସମୟରେ ସମଗ୍ର ଆସାମ ସେମାନଙ୍କ ସହ ରହିଛି ।"

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆହତମାନଙ୍କୁ ତୁରନ୍ତ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବା ସରକାରଙ୍କ ପ୍ରଥମ ପ୍ରାଥମିକତା । ମନ୍ତ୍ରୀ ଅତୁଲ ବୋରା ଘଟଣାସ୍ଥଳରେ ରହି ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥାର ତଦାରଖ କରୁଛନ୍ତି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଓ ମୃତକଙ୍କ ପରିବାରକୁ ଏହି ଦୁଃଖ ସହିବାର ଶକ୍ତି ମିଳୁ ବୋଲି ସେ ପ୍ରାର୍ଥନା କରିଛନ୍ତି । ଘଟଣାସ୍ଥଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

୧୬ ସୁଦ୍ଧା...

ଦିଗରେ ଗତି କରିବ । ଏହାପରେ ଦକ୍ଷିଣ ପାଶ୍ୱର୍ରୁ ପଶ୍ଚିମା ବାୟୁ ପ୍ରବାହ ବଢ଼ିବା ଯୋଗୁଁ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ମୋଡ଼ ନେଇ ପଶ୍ଚିମ ବଙ୍ଗୋପସାଗର ଆଡ଼କୁ ମୁହାଁଇବ । ଭିନ୍ନ ମତ ଦେଉଥିବା ଜିଏଫ୍ଏସ୍ ଓ ସିଏମ୍ସି ମଡେଲ୍ ଅଧିକ ଗଭୀର ସିଷ୍ଟମ୍ ଆକଳନ କରି ଏହାକୁ ସାମାନ୍ୟ ଅଧିକ ଉତ୍ତର ଆଡ଼କୁ ଟାଣୁଛନ୍ତି । ସର୍ବସମ୍ମତ ଆକଳନ ଅନୁଯାୟୀ ଏହା ୧୭-୧୮ ନଭେମ୍ବର ଆଡ଼କୁ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ (ବିଶାଖାପାଟଣାରୁ ଗୋପାଳପୁର ମଧ୍ୟରେ) ଅତିକ୍ରମ କରିବ ଏବଂ ଉପକୂଳ ନିକଟବର୍ତ୍ତୀ ବାୟୁକାଟ ଯୋଗୁ ସାମାନ୍ୟ ଦୁର୍ବଳ ହେବ ।

ଏହା ଏକ ପ୍ରାରମ୍ଭିକ ଆକଳନ ସିଷ୍ଟମ୍ଟି ଅବପାତରେ ପରିଣତ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ମୋଡ଼ ନେବା ପରେ ଅଧିକ ସ୍ପଷ୍ଟ ଚିତ୍ର ମିଳିପାରିବ । ତେବେ ବର୍ତ୍ତମାନର ବିଶ୍ଳେଷଣ ଅନୁଯାୟୀ, ସିଧାସଳଖ ବଡ଼ ଧରଣର ପ୍ରଭାବ ପରିବର୍ତ୍ତେ ୧୭-୧୯ ନଭେମ୍ବର ମଧ୍ୟରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଏହାର ପାଶ୍ୱର୍ବର୍ତ୍ତୀ ପ୍ରଭାବ ଦେଖିବାକୁ ମିଳିବ । ଫଳରେ ଗଜପତି, ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ଏବଂ ଉପକୂଳରେ ଘଣ୍ଟାପ୍ରତି ୩୫-୪୫ କିମି ବେଗରେ ପବନ ବହିବା ସହ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ଜଷ୍ଟିସ୍...

କରିବେ । ଆସନ୍ତା ୧୫ରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିସ୍ ଟଣ୍ଡନ୍ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ଟଣ୍ଡନଙ୍କ ଅବସର ପରେ ଜଷ୍ଟିସ୍ ବିଭୂପ୍ରସାଦ ରାଉତରାୟ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଇବେ ।

ମାଟ୍ରିକ...

ରାଜ୍ୟରେ ମାଟ୍ରିକ ପରୀକ୍ଷା ନିମନ୍ତେ ନଭେମ୍ବର ୨ରୁ ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ । କେବଳ ଅନଲାଇନ ମାଧ୍ୟମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବା ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଫର୍ମକୁ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ପତ୍ର ବିନିମୟ ପାଠ୍ୟକ୍ରମର ରେଗୁଲାର ଏବଂ ଏକ୍ସରେଗୁଲାର ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଫ୍ଲାଇନରେ ଫର୍ମପୂରଣ କରାଯାଉଛି । ଏହାକୁ ବୋର୍ଡର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକମାନେ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଛାତ୍ରଛାତ୍ରୀଙ୍କର ଫର୍ମପୂରଣ ଶେଷ ହୋଇସାରିଛି । ତେବେ ଆଉ ଗୋଟିଏ ସପ୍ତାହ ମଧ୍ୟରେ ଫର୍ମପୂରଣ ଶେଷ ହେବାକୁ ଥିବାବେଳେ ବୋର୍ଡ ପକ୍ଷରୁ ଆଜି ପରୀକ୍ଷା ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇସ୍କୁଲ ସାର୍ଟିଫିକେଟ ବ୍ୟତୀତ ସଂସ୍କୃତ ମଧ୍ୟମାରେ ୧୨ ତାରିଖରେ ମାତୃଭାଷା, ୧୫ରେ ବିଜ୍ଞାନ, ୧୬ରେ ପ୍ରୟୋଗାତ୍ମକ ସଂସ୍କୃତ, ୧୭ରେ ଗଣିତ, ୧୯ରେ ସାମାଜିକ ବିଜ୍ଞାନ, ୨୦ରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ୨୪ରେ ଇଂରାଜୀ ଓ ୨୫ରେ ସଂସ୍କୃତ ସାହିତ୍ୟମ୍ ବିଷୟରେ ପରୀକ୍ଷା ଯାଇବ । ସେହିଭଳି ମୁକ୍ତ ବିଦ୍ୟାଳୟ ନିମନ୍ତେ ୧୨ରେ ଓଡ଼ିଆ, ୧୩ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ୧୫ରେ ବିଜ୍ଞାନ, ୧୭ରେ ଗଣିତ, ୧୯ରେ ସାମାଜିକ ବିଜ୍ଞାନ, ୨୪ରେ ଇଂରାଜୀ, ୨୫ରେ ହୋମ ସାଇନ୍ସ ଓ ୨୭ରେ ପେଣ୍ଟିଂ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ମିଳିଛି ।

ପତ୍ନୀ, ପୁଅକୁ ହାଣି ଥାନାରେ ବାପାର ଆତ୍ମସମର୍ପଣ

ବଲଙ୍ଗା,(ସବ୍ୟୁ) :ଗୁରୁବାର ବିଳମ୍ବିତ ରାତିରେ ବଲଙ୍ଗା ୭ ୬ଘର ସାହିରେ ଅଭାବନୀୟ ଘଟଣା ଘଟିଛି । ସାହିର ଜଣେ ବ୍ୟକ୍ତିଙ୍କ ଖଣ୍ଡା ଚୋଟରେ ପତ୍ନୀ ଓ ପୁଅ ଗୁରୁତର ହୋଇଛନ୍ତି । ଘଟଣା ଘଟାଇବା ପରେ ବ୍ୟକ୍ତି ଜଣଙ୍କ ଥାନାରେ ଆତ୍ମ ସମର୍ପଣ କରିଛନ୍ତି । ସୂଚନା ମୁତାବକ ଗତକାଲି ରାତିରେ ସୁଜିତ କୁମାର ଦଳେଇ ପତ୍ନୀ ମମତା ଦଳେଇଙ୍କ ସହ ଘରେ ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ସମୟରେ ପୁଅ ବବୁଲ ଦଳେଇ ଘରକୁ ଆସିଥିଲା । ବାହାରେ ଥାଇ ଘର ଲୋକଙ୍କୁ ଡାକିଥିଲା । କବାଟ ଖୋଲିବାରେ ବିଳମ୍ବ ହେବାରୁ ବବୁଲ ଦାଣ୍ଡ କବାଟକୁ ଶକ୍ତ ଗୋଇଠା ମାରିଥିଲା । ଫଳରେ କବାଟ ଭାଙ୍ଗିଯିବା ସହ ପରିବାର ଅନ୍ୟ ସଦସ୍ୟ ଉଠି ଯାଇଥିଲେ । ବବୁଲ ବାପା ବୋଉ ଶୋଇଥିବା ଘରକୁ ଯାଇ କବାଟ ବାଡ଼େଇ ଥିଲା । ସୁଜିତ ଓ ମମତା ଉଠି କବାଟ ଖୋଲିଥିଲେ । କଣ ପାଇଁ ବୋଉକୁ ମାରୁଥିଲ ବୋଲି କହି ବବୁଲ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ସୁଜିତଙ୍କୁ ମାଡ଼ ମାରିଥିଲା । ଏହି ସମୟରେ ମମତା ବବୁଲକୁ ସୁଜିତଙ୍କୁ ବାଡେଇବା ପାଇଁ ଉତ୍ସାହିତ କରିଥିଲେ । ଫଳରେ ସୁଜିତ କ୍ରୋଧାନ୍ୱିତ ହୋଇ ଘରେ ଥିବା ଏକ ଖଣ୍ଡା ଆଣି ପୁଅ ବବୁଲକୁ ଚୋଟ ପକାଇବା ବେଳେ ପତ୍ନୀ ମମତା ଆଗକୁ ଆସି ଯାଇଥିଲେ । ଫଳରେ ଖଣ୍ଡା ଚୋଟ ମମତାଙ୍କ ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା । ପରେ ଖଣ୍ଡା ଚୋଟରେ ବବୁଲ ଓ ନାବାଳିକା ଝିଅ ଆହତ ହୋଇଥିଲେ । ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସମସ୍ତଙ୍କୁ ଡ଼ାକ୍ତର କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଘଟଣା ପରେ ସୁଜିତ ଥାନାରେ ଯାଇ ଆତ୍ମସମର୍ପଣ କରିଥିଲା । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ନେଇ ଥାନା ଆଇ ଆଇ ସି ସସ୍ମିତା ସାହୁ ସୂଚନା ଦେଇଛନ୍ତି ।

ଶିଶୁ ଦିବସରେ ହାଲୋୱିନ୍ ଥିମ୍‌ରେ ସଜେଇ ହେବ କଳାଭୂମି



ଭୁବନେଶ୍ୱର (ସବ୍ୟୁ) : କଳାଭୂମିରେ ଅଞ୍ଜଳି ଇଣ୍ଟରନ୍ୟାସନାଲ୍ ଚିଲଡ୍ରେନ୍ ଆଣ୍ଡୟୁଥ୍ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା ଆୟୋଜିତ ହୋଇଯାଇଛି । ଏହି ଅବସରରେ ଅଞ୍ଜଳି ଛାତ୍ରବୃତ୍ତି ପ୍ରଦାନ, ବିଭିନ୍ନ ରାଜ୍ୟରୁ ଆସିଥିବା ଟିମଗୁଡ଼ିକର ସମ୍ବର୍ଦ୍ଧନା, କ୍ୟାମ୍ପ ବୁଲେଟିନ୍ ଉନ୍ମୋଚନ ଓ ସାଂସ୍କୃତିକ ପରିବେଷଣ ମୁଖ୍ୟ ଆକର୍ଷଣ ଥିଲା ।କାର୍ଯ୍ୟକ୍ରମରେ ଫେଷ୍ଟିଭାଲ୍ ଡାଇରେକଫର ଡଃ ଶ୍ରୁତି ମହାପାତ୍ରଙ୍କ ସମେତ ପଲି ପଟ୍ଟନାୟକ, ଡଃ ସଙ୍ଗୀତା ଗୋସାଇଁ, ଏଲିନା ମହାପାତ୍ର ଓ ସିଏମ୍ଆରଡି ଅଜୟ ପଟ୍ଟନାୟକ ଯୋଗଦେଇ ଶିଶୁଙ୍କ ପ୍ରତିଭା, ଆତ୍ମବିଶ୍ୱାସ ଓ ସମାନ ସୁଯୋଗ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ବୁନୁ ବେହେରା, ଶଙ୍କର ସାହୁ, ପୁଷ୍ପାଞ୍ଜଳି ଓ ସୋନୁ ଶୁଭମ୍‌ଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଆସାମ, ତାମିଲନାଡୁ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ଟିମଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟପକ୍ଷରେ, ଅନ୍ତର୍ବିଦ୍ୟାଳୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ପୋଷ୍ଟର ଓ ଚିତ୍ରକଳା ମାଧ୍ୟମରେ ସମାବେଶୀ ସମାଜର ବାର୍ତ୍ତା ଦେଇଥିଲେ । ସାଇନ୍ସ ନ୍ୟାସନାଲ୍ ସ୍କୁଲ୍ ଓ ମଦର ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ସମାନତା ଓ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସୁଗମ ବିଦ୍ୟାଳୟର ଧାରଣାକୁ ସୃଜନଶୀଳ ଭାବେ ଉପସ୍ଥାପନ କରିଥିଲେ । ଉତ୍ସବର ତୃତୀୟ ଦିନ ଶିଶୁ ଦିବସ ଅବସରରେ କଳାଭୂମିରେ ହାଲୋଓ୍ୱିନ୍ ଥିମ୍‌ରେ ସ୍ୱତନ୍ତ୍ର ଆୟୋଜନ ସହ ଶିଶୁଙ୍କ ପାଇଁ ବିଭିନ୍ନ ଖେଳ, ମନୋରଞ୍ଜନ ଓ ସରପ୍ରାଇଜ୍ କାର୍ଯ୍ୟକ୍ରମ ରହିଛି । ଚତୁର୍ଥ ଦିନ ପୁରୀ-କୋଣାର୍କ ଭ୍ରମଣ ସହ ଉତ୍ସବର ପରିସମାପ୍ତି ହେବ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାତେଇଲା ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ

କାକଟପୁର,(ସବ୍ୟୁ) : ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଓ ଉଲ୍ଲେଖନୀୟ ସଫଳତାର ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି କାକଟପୁର । ଶୈକ୍ଷିକ ଉତ୍କର୍ଷତା, ସହଶୈକ୍ଷିକ କାର୍ଯ୍ୟକଳାପ, ଉନ୍ନତ ଶିକ୍ଷାଦାନ ପଦ୍ଧତି ତଥା ବିଦ୍ୟାଳୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପିଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରରେ ମର୍ଯ୍ୟାଦାଜନକ "ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ହାସଲ କରିଛି । ଏଥିସହ ବିଦ୍ୟାଳୟର ବିକାଶରେ ସକ୍ରିୟ ଭୂମିକା ନିର୍ବାହ କରିଥିବା ପରିଚାଳନା କମିଟିର ଅଧକ୍ଷା ରୀନାଲତା ପରିଡ଼ା ମଧ୍ୟ ସମ୍ମାନିତ ହୋଇଛନ୍ତି ।

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦ୍ୟାଳୟକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଦକ୍ଷ ନେତୃତ୍ୱ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମ ଏହି ସଫଳତାର ପ୍ରମୁଖ ଆଧାର ପାଲଟିଛି । ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ, ଶୃଙ୍ଖଳା, ସୃଜନଶୀଳତା ଓ ସହଶୈକ୍ଷିକ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ନିଜର ଏକ ସତ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।ସେହିପରି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ଶୈକ୍ଷିକ ପରିବେଶର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅନୁକୂଳ ଶିକ୍ଷା ବାତାବରଣ ସୃଷ୍ଟି କରିବାରେ ବିଦ୍ୟାଳୟ ପରିଚାଳନା କମିଟିର ଭୂମିକା ମଧ୍ୟ ପ୍ରଶଂସନୀୟ ରହିଛି । ଏହି ଅବଦାନକୁ ସ୍ୱୀକୃତି ଦେଇ କମିଟିର ଅଧକ୍ଷା ରୀନାଲତା ପରିଡ଼ାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି ।ଏହି ସଫଳତା କେବଳ ବିଦ୍ୟାଳୟର ଗୌରବ ବୃଦ୍ଧି କରିନାହିଁ, ବରଂ କାକଟପୁର ଅଞ୍ଚଳର ଶିକ୍ଷା ଜଗତ ପାଇଁ ଏକ ପ୍ରେରଣାଦାୟକ ଉପଲବ୍ଧି ପାଲଟିଛି । ଏହା ଶିକ୍ଷକ, ଅଭିଭାବକ, ପରିଚାଳନା କମିଟି ଓ ସ୍ଥାନୀୟ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ନୂତନ ଉତ୍ସାହ ସଞ୍ଚାର କରିବା ସହ ଆଗାମୀ ଦିନରେ ବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଆହୁରି ଉଚ୍ଚତର ସୋପାନରେ ପହଞ୍ଚାଇବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି ।

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 11.11.2026 Chatur Singh S/o-Gia Prasad Singh Resident of At-Kalahandi P.O- Nayagada P.S- Nayagada Dist-Nayagada PIN-752070 declare that I have changed my minor Daughter's name from Sonali Singh to Sony Singh. Henceforth,She shall be known as Sony Singh for all purposes.

Sd/- Chatur Singh

AFFIDAVIT

I, Jyotishree Samal, W/o Ranjit Ranjan Rout, resident of Mahapur, PO: Kabirpur, PS:Jajpur Sadar, District: Jajpur,Pin -755009, Odisha declare by this affidavit No. 366/ 2026 dtd.13.11.2026 that now onwards I shall be known as Jyotishree Rout for all future purposes.

AFFIDAVIT

By virtue of an affidavit sworn before Executive Magistrate,Nayagada Odisha on dated 12.11.2026 Mamata Sahoo W/o-Gopal Sahoo Resident of At-Kajalaipalli P.O-Kajalaipalli P.S-Sarankul Dist-Nayagada PIN-752080 declare that I have changed my minor Daughter's name from Rasmi Sahoo to Rashmita Sahoo Henceforth,She shall be known as Rashmita Sahoo for all purposes.

Sd/- Mamata Sahoo

ପୂର୍ବ ତଟ ରେଳପଥ

(1)ବିଜ୍ଞପ୍ତି ସଂ. eT-North-RGDA-14-2026 ତା.10.11.2026ଭିତ୍ତି

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର KK-II ଲାଇନରେ ବଦଳି (BCHL)ଠାରେ ମାନ୍ୟତାପ୍ରାପ୍ତ (Standard) RPF ପୋଷ୍ଟ ବିଲ୍ଡିଙ୍ଗର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ : ₹ 1,37,91,115.95, EMD : ₹ 2,75,800/-

(2)ବିଜ୍ଞପ୍ତି ସଂ. eT-North-RGDA-15-2026 ତା.10.11.2026ଭିତ୍ତି

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର KK-II ଲାଇନରେ ସହାୟକ ମଣ୍ଡଳ ଯନ୍ତ୍ରୀ / ବିରଖୁଲ ପରିସୀମା ଅଧିକୃତ ବଦଳି (BCHL)ଠାରେ ଟ୍ରଲିବାର ଉନ୍ନୟନ ।

ବିଜ୍ଞାପିତ ମୂଲ୍ୟ : ₹ 1,16,32,137.80, EMD : ₹ 2,32,700/-

(3)ବିଜ୍ଞପ୍ତି ସଂ. eT-North-RGDA-16-2026 ତା.10.11.2026ଭିତ୍ତି

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର KK-II ଲାଇନରେ ବଦଳି (BCHL)ଠାରେ 100 ଶଯ୍ୟା ବିଶିଷ୍ଟ RPF ବାରାକ (Barrack)ର ନିର୍ମାଣ ।

ବିଜ୍ଞାପିତ ମୂଲ୍ୟ : ₹ 3,28,73,565.90, EMD : ₹ 6,57,500/-

କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ (ସମସ୍ତ ମୁଳ ସଂଖ୍ୟା ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 04.12.2026, 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କେବଳ ଅନଲାଇନ ମାଧ୍ୟମରେ ବିଳମ୍ବ ବାଲିକ ରୂପେ ଦାଖଲଯୋଗ୍ୟ ହେବ । କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏକୁଟିଙ୍କ ଫାର୍ମ (Firm)ର କେତେକ ହେତୁରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକୁ କୌଣସି ବିତାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନମ୍ବରସହ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଇଥାଇଛି ।

କରିଷ୍ଠ ମଣ୍ଡଳ ଯନ୍ତ୍ରୀ (ନର୍ଥ), ରାୟଗଡ଼ା

PR-558/R/26-27

Email: - rwd.bonai@yahoo.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: BANAI

25001/1548/2627 Letter No. 4378 Date : 12.11.2026

CANCELLATION OF TENDER

Due to some unavoidable circumstances Tender invited by this Office vide Bid Identification No. ONLINE-EEBNI-11 of 2026-27, Letter No- 3982 Dtd- 15.10 2026 are hereby cancelled due to no bidders have been participated on tender notice no. ONLINE-EEBNI-11 of 2026-27.

Sd/- Superintending Engineer
Rural Works Division, Banai

OIPR : 25001/25200/1/26-27/00025

25001/1557/2627 Email:- rw_dharmagarh@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHARMAGADA

BID IDENTIFICATION NO. DMGH/Online-08 OF 2026-27 Dates:05.11.2026

"e" PROCUREMENT NOTICE

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e **www.tendersorissa.gov.in**

1.	Name of the Work	:	Building work in the district of Kalahandi as mentioned in DTCN
2.	Total No of Works	:	23 Nos.
3.	Estimated Cost	:	Rs. 55.08 lakhs to Rs. 70.72 lakhs
4.	Period of Completion	:	06 Calendar Month
5.	Other Details	:	

Availability of Tender online for bidding		Last date & time seeking tender clarification	Date & time of Opening of tender	
From	To		Technical	Financial
13.11.2026 At 11.00 AM	23.11.2026 Up to 5.00 PM	21.11.2026 Up to 5.00 PM	25.11.2026 At 11.00 AM	30.11.2026 At 11.00 AM

Further details can be seen from the website www.tendersorissa.gov.in

Sd/- Executive Engineer
Rural Works Division
Dharmagada

OIPR : 25001/25100/1/26-27/0011

ODISHA HYDRO POWER CORPORATION LTD.,
O/O Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE
BURLA-768017, DISTRICT: SAMBALPUR(ODISHA).
PHONE: 0663-2950721 (O), 2950765(R), E-Mail: srgmhps_burla@yahoo.co.in
4001/413/2627 CIN : U40101OR1995SGC003963
No. HHEP/Tech-W-56/28/ 7927 Date : 12.11.2026

e-TENDER CALL NOTICE NO. HHEP-89/2026

Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha an contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in.

Name of Work	Approx. tender value of work (in Rs.) excluding GST, EPF & ESI	Cost of t tender paper (Non-Refundable)	EMD in shape of DD/BC	Class of Contractor
Construction of storm water drain of F-13, F-14 & F-36 blocks of Board Colony of HHEP, Burla	14,32,285/-	Rs.7060/- (Rs.6000/- + GST 18%)	14330/-	'D' & 'C'

- Availability of bids online: 16.11.2026 (11.00AM) to 27.11.2026 upto 03.00PM
- Closing of bids online : 27.11.2026 upto 03.00PM
- Date & time of opening of bids: 27.11.2026 at 04.00PM

Further details can be seen from the e-procurement portal **https://tendersodisha.gov.in / www.ohpc.co.in**

OIPR : 4001/4007/1/26-27/0034 Sd/- Unit Head, HHEP, Burla

GOVERNMENT OF ODISHA
OFFICE OF THE SUPERINTENDING ENGINEER,
DHENKANAL (R&B) DIVISION, DHENKANAL
Letter No- 6848 Dt. 11.11.26
34001/1161/

୧୦ 30th ANNIVERSARY
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଶନିବାର, ୧୪ ନଭେମ୍ବର ୨୦୨୬
ତ୍ରିଂଶତମ ବିଶେଷାଙ୍କ

ଗୃହ ନିର୍ମାଣ ଅନୁମତି ପ୍ରଦାନରେ ବିଳମ୍ବ ଦୂର କରିବାକୁ ଏସିଏସ୍‌ଙ୍କ ନିର୍ଦ୍ଦେଶ

ଜାଣିଶୁଣି ବିଳମ୍ବ କଲେ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ, ମହାନଗର ନିଗମ ଏବଂ ଅନ୍ୟାନ୍ୟ



ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଅନଲାଇନ୍ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ବ୍ୟବସ୍ଥା ମାଧ୍ୟମରେ ଗୃହ ନିର୍ମାଣ ଅନୁମତି ପାଇଁ ପଡ଼ିରହିଥିବା ଆବେଦନଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ । ସମସ୍ତ ବକେୟା ଆବେଦନର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଫଇସଲା କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜାଣିଶୁଣି କିମ୍ବା ଅଯଥାରେ ବିଳମ୍ବ କଲେ ଦାୟିତ୍ୱ ନିର୍ଦ୍ଧାରଣ ସହ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଖାରବେଳ ଭବନଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀମତୀ ପାଢ଼ୀ ବକେୟା ଆବେଦନଗୁଡ଼ିକର ସ୍ଥିତି, ପ୍ରକ୍ରିୟାଗତ ସମସ୍ୟା ଏବଂ ଯୋଜନା ଅନୁମୋଦନ କ୍ଷେତ୍ରରେ ହେଉଥିବା ବିଳମ୍ବର ସମୀକ୍ଷା କରିଥିଲେ । ଗୃହ ନିର୍ମାଣ ଅନୁମତି ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନସାଧାରଣଙ୍କ ପାଇଁ ସୁବିଧାଜନକ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ଦିନରୁ ଅଧିକ ସମୟ ଧରି ପଡ଼ିରହିଥିବା ଫାଇଲ୍‌ଗୁଡ଼ିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବା ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା ପ୍ରଚଳନ କରିବାକୁ ସେ କହିଥିଲେ । ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ସହ ଜାଣିଶୁଣି ଅବହେଳା ଏବଂ ଅଯଥା ବିଳମ୍ବ କରୁଥିବା ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବାକୁ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଖାରବେଳ ଭବନ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ନିର୍ଦ୍ଦେଶକ,ଟାଉନ ପ୍ଲାନିଙ୍ଗ ଶତ୍ରୁଘ୍ନ କର, ଅତିରିକ୍ତ ସଚିବ ସୁଭେନ୍ଦୁ କୁମାର ସାହୁ, ସହକାରୀ ନଗର ଯୋଜନାକାରୀ ଏବଂ SUJOG ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ ।

ଭୁବନେଶ୍ୱର ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ପାଇଁ ପ୍ଲାଟଫର୍ମ ନମ୍ବର -୧, ୩୦ ଦିନ ପାଇଁ ବନ୍ଦ ରହିବ

ଜଟଣୀ, (ସବ୍ୟୁ): ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲୁ ରହିଥିବା ପୁନଃବିକାଶ କାର୍ଯ୍ୟର ଅଂଶବିଶେଷ ଭାବେ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ଏବଂ ରେଳ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ଲାଟଫର୍ମର ନବୀକରଣ କାର୍ଯ୍ୟ କରାଯାଉଛି ।ଏହି କ୍ରମରେ, ଷ୍ଟେସନ ପରିସରରେପ୍ଲାଟଫର୍ମନବୀକରଣକାର୍ଯ୍ୟକୁ ସୁଚାର ଭାବେ ସମ୍ପାଦନ କରିବା ପାଇଁ ୧୨.୧୧.୨୦୨୬ ଠାରୁ ୧୧.୧୨.୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ପ୍ଲାଟଫର୍ମ ନମ୍ବର ୧ ରେ ରେଳ ଚଳାଚଳ ବନ୍ଦ ରହିବ । ଏହି ସମୟ ମଧ୍ୟରେ ପ୍ଲାଟଫର୍ମ ନମ୍ବର ୧କୁ ଯାତ୍ରୀମାନଙ୍କ ଯାତାୟାତ ଓ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ରହିବ । ଏହି ଅତ୍ୟାବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ସମୟରେ ରେଳ ପ୍ରଶାସନକୁ ସହଯୋଗ କରିବା ସହିତ ଯାତ୍ରୀମାନେ ଅନ୍ୟ ପ୍ଲାଟଫର୍ମ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି ।ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ, ପୂର୍ବତଟ ରେଳପଥ ସର୍ବଦା ଯାତ୍ରୀମାନଙ୍କୁ ସୁରକ୍ଷିତ, ନିରାପଦ ଓ ଉନ୍ନତ ରେଳ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି, ରେଳ ଚଳାଚଳକୁ ଅଧିକ ସୁଗମ କରିବା ଏବଂ ଯାତ୍ରୀମାନଙ୍କୁ ଆରାମଦାୟକ ଓ ସୁବିଧାଜନକ ଯାତ୍ରାର ଅନୁଭୂତି ପ୍ରଦାନ କରିବା ଦିଗରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଶୋକ ମହାନ୍ତି ସମ୍ବର୍ଦ୍ଧିତ



କଟକ, (ସ୍ୱପ୍ର): ସମାଜସେବୀ ତଥା ଐତିହ୍ୟ ଓ ପରମ୍ପରାର ସଂରକ୍ଷକ ଅଶୋକ କୁମାର ମହାନ୍ତିଙ୍କୁ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ମଣ୍ଡଳୀର ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟାନ୍ୟ ମଣ୍ଡଳୀ ଅଧିକାରୀ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । କଟକ ସହରର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ପ୍ରଚାର ପ୍ରସାର ଦିଗରେ ଶ୍ରୀ ମହାନ୍ତି ସର୍ବଦା ଉଦ୍ୟମ ଜାରି ରଖିଛନ୍ତି । ବିଭିନ୍ନ ପୂଜାପର୍ବାଣକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ, ମଠ ଓ ମନ୍ଦିରକୁ ସେ ନିୟମିତ ସାହାଯ୍ୟ ଓ ସହଯୋଗ ଯୋଗାଇ ଆସୁଛନ୍ତି । ତାଙ୍କର ଏହି ନିରନ୍ତର ସମାଜସେବା, ସେବା ମନୋଭାବ ଓ ସାଂସ୍କୃତିକ ପରମ୍ପରା ପ୍ରତି ଅବଦାନକୁ ସ୍ୱୀକୃତି ଜଣାଇ ମଣ୍ଡଳୀ ପକ୍ଷରୁ ଏହି ସମ୍ବର୍ଦ୍ଧନା କରାଯାଇଛି ।

କଟକର ସର୍ବାଙ୍ଗୀନ ବିକାଶ ନେଇ ବିଧାୟିକାଙ୍କ ତତ୍ପରତା

ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦେଲେ ୧୨ ଦଫା ଏଜେଣ୍ଡା

କଟକ, (ସ୍ୱପ୍ର) : ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍ ଗୁରୁବାର ଦିନ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କୁ ଭେଟି କଟକ ସହରର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସହରର ଭିତ୍ତିଭୂମି ସୁଦୃଢ଼ କରିବା ସହ ନୂତନ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟିକା ଏକ ୧୨ ଦଫା ସମ୍ବଳିତ ଏଜେଣ୍ଡା ଦାଖଲ କରିଛନ୍ତି । ଏହି ବୈଠକରେ ପେଟନାଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅଧୀନରେ କେନାଲ ଉପରେ ୫ଟି ନୂତନ ସେତୁ ନିର୍ମାଣ, ସହରରେ ୫ଟି ପ୍ରମୁଖ ଷ୍ଟର୍ମ ୱାଟର ଡ୍ରେନ୍ ନିର୍ମାଣ ପାଇଁ ଡିପିଆର୍ ଓ ପାଣ୍ଠି ବ୍ୟବସ୍ଥା, ଏବଂ ସିଡିଏ ସେକ୍ଟର-୧୩ ହସ୍ତାନ୍ତର ପ୍ରକ୍ରିୟାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ସହିତ ବାରବାଟୀ-କଟକ ଅନ୍ତର୍ଗତ ସିଡିଏ ଅଞ୍ଚଳରେ ଉନ୍ନତ ଫୁଟପାଥ୍ ଓ ଷ୍ଟ୍ରିଟ୍ ଲାଇଟ୍ ଥିବା ଏକ "ସ୍ମାର୍ଟ ଲେନ୍' ନିର୍ମାଣ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ସହରରେ ଏକ ଅତ୍ୟାଧୁନିକ ୨,୦୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ନିର୍ମାଣ ଏବଂ ଜଳବନ୍ଦୀ



ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଜିଆଇଏସ୍ ଆଧାରିତ ଡ୍ରେନେଜ୍ ଓ ରାସ୍ତା ଢାଲୁର ମାଷ୍ଟର ସର୍ଭେ କରିବା ନେଇ ବିଧାୟିକା ପ୍ରସ୍ତାବ ରଖିଛନ୍ତି । ସେହିପରି ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ସରକାରୀ କିମ୍ବା ପିପିପି ମୋଡରେ ସୁଲଭ ଗୃହ ନିର୍ମାଣ ପ୍ରକଳ୍ପ , ସହରରେ ସବୁଜିମା ବୃଦ୍ଧି ପାଇଁ ସରକାରୀ, କେଡିଏ କିମ୍ବା ସିଏମସି ଜମିରେ ଏକ ଆଦର୍ଶ ମିୟାୱାକି ଜଙ୍ଗଲ ସୃଷ୍ଟି ଏବଂ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଛି । ତତ୍ ସହିତ ସାଇକେଲ ଟ୍ରାକ୍ ସହ ସ୍ମାର୍ଟ ଷ୍ଟ୍ରିଟ୍, ଜଳାଶୟର ସୌନ୍ଦର୍ଯ୍ୟକରଣ, ମଲଫିଲେଭଲ ପାର୍କିଂ ବ୍ୟବସ୍ଥା, ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା ଏବଂ ଜାଇକା ପ୍ରକଳ୍ପ ଅଧୀନରେ ୱାଟକୋ ଦ୍ୱାରା ନିର୍ମିତ ଡ୍ରେନଗୁଡ଼ିକ ରସିଏମସିକୁ ହସ୍ତାନ୍ତର ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଛି ।

୫୪ ଲକ୍ଷ ଟଙ୍କାର ତିନିଶହ ମୋବାଇଲ ଗାଏବ, ୪ ଅଟକ

ଭୁବନେଶ୍ୱର, (ସବ୍ୟୁ) : ୫୪ ଲକ୍ଷ ଟଙ୍କାର ତିନିଶହ ଭିଭୋ ମୋବାଇଲ ଗାଏବ ହେବା ସମ୍ପର୍କରେ ଡିଷ୍ଟ୍ରିବ୍ୟୁଟର ଇପାରୀ କ୍ରିଷ୍ଣା ରାଓ ସହିଦନଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ୪ଜଣ ହେଲେ ରାକେଶ କୁମାର ରାଉତ (୩୫), ନିର୍ମଳ କୁମାର ନାୟକ (୩୬), ହୃଷିକେଶ ନାୟକ ଓ ପ୍ରଦୀପ ପରିଡା (୪୨) । କ୍ରିଷ୍ଣା ରାଓ ଭିଭୋ ମୋବାଇଲର ଡିଷ୍ଟ୍ରିବ୍ୟୁଟର ଭାବେ କାମ କରନ୍ତି । ରିଟେଲରଙ୍କ ପାଖକୁ ଯେଉଁ କର୍ମଚାରୀଙ୍କ ହାତରେ ତିନିଶହ ମୋବାଇଲ ପଠାଇଥିଲେ ତାହା କେଉଁଆଡେ ଗାଏବ କରିଦେଲେ ସେମାନେ । ରିଟେଲରଙ୍କୁ ମୋବାଇଲ ବାବତ ଟଙ୍କା ମାଗିବାରୁ ଗାଏବ ସମ୍ପର୍କରେ ଜଣାପଡିଥିଲା । ରିଟେଲର ମୋବାଇଲ ପାଇନଥିବା କହିବା ପରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେଲା । ପୋଲିସ ୪ଜଣଙ୍କୁ ଗିରଫ କରି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲା । ସେମାନେ ମୋବାଇଲ ବିକ୍ରି କରିଛନ୍ତି ନା ନିଜେ ରଖିଛନ୍ତି ତଦନ୍ତ ଆଗକୁ ବଢିଲେ ତାହା ସ୍ପଷ୍ଟ ହେବ । କାରଣ ଗିରଫ ୪ଜଣ ଗାଏବ ମୋବାଇଲ ସମ୍ପର୍କରେ ସଠିକ୍ ତଥ୍ୟ ଦେଇନାହାନ୍ତି । ତଦନ୍ତ ଜାରି ରହିଥିବାରୁ ଅନ୍ୟ ଅଭିଯୁକ୍ତମାନେ ଗିରଫ ହେଲେ ମୋବାଇଲ ଗାଏବ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି । ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ସୁନା ତାସ୍ ପାଇଁ କୁଞ୍ଜଲତାଙ୍କୁ ହତ୍ୟା

ବଳଭଦ୍ରଙ୍କ ବାନ୍ଧବୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା କୁଞ୍ଜଲତା ନନ୍ଦ (୭୬)ଙ୍କୁ ହତ୍ୟା କରିଥିବା ବଳଭଦ୍ର ମହାରଣା ସୁରଟରୁ ଗିରଫ ହେବା ପରେ ଶୁକ୍ରବାର କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଥିଲା । ବଳଭଦ୍ର ବୟାନ ଆଧାରରେ ତାଙ୍କ ବାନ୍ଧବୀ ସବିତା ସେଠାଙ୍କୁ ବ୍ରହ୍ମଗିରିରୁ ଗିରଫ କରିଛି ପୋଲିସ । ସୁନା ତାସ୍ ସମେତ ସମସ୍ତ ଚୋରି ସାମଗ୍ରୀ ବଳଭଦ୍ରଙ୍କ ବାନ୍ଧବୀ ସବିତା ନିକଟରୁ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍. କହିଛନ୍ତି ।

ଚଳିତ ମାସ ୨ ତାରିଖ ରାତିରେ କେୟାରଟେକର କୁଞ୍ଜଲତାଙ୍କୁ ସୁନା ତାସ୍ ଓ ଗହଣା ପାଇଁ ତଣ୍ଟିଚିପି ହତ୍ୟା କରିଥିଲା । ହତ୍ୟା କରିବା ପରେ କୁଞ୍ଜଲତାଙ୍କ ଘରେ ଥିବା ୪ ଗୁଠା ସୁନାତାସ୍, ଦୁଇହଳ ସୁନା ବଳା, ଲକେଟ ସହ ଗୋଟିଏ ସୁନା ଚେନ୍, ଦୁଇଟି ହାତ ମୁଦି, ହଳେ କାନ ଚିଂ, ୧ କିଲୋ ଓଜନର ରୂପା ଗହଣା ଓ ୨୦ ହଜାର ଟଙ୍କା ଚୋରି କରି ତାଙ୍କ ସ୍କୁଟରରେ ବିଳମ୍ବିତ ରାତିରେ ଖସିଯାଇଥିଲା । ଭୁବନେଶ୍ୱରରୁ ଯାଇ ବ୍ରହ୍ମଗିରି ସବିତା ସେଠାଙ୍କ ଘରେ ପରଦିନ ସକାଳେ ପହଞ୍ଚି ତାଙ୍କୁ ଚୋରି ସାମଗ୍ରୀ ଦେବା ପରେ ପୁରୀ ପଳାଇଥିଲା । ପୁରୀରୁ ପଞ୍ଜାବ, ହରିଆନା, ଦିଲ୍ଲୀ, ଗୁଜରାଟ ସମେତ ୬ ରାଜ୍ୟ ସେ ବୁଲିବା ପରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ବଳଭଦ୍ରକୁ ଗୁଜରାଟର ସୁରଟରୁ ଗିରଫ କରିବାରେ ସମର୍ଥ ହେଲା । ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିବା ପରେ ମାରାଥନ ଜେରା କରାଯାଉଛି । ଜେରା ସମୟରେ ବଳଭଦ୍ର କୁଞ୍ଜଲତାଙ୍କୁ କେମିତି ମାରିଲା କହିବା ସହ ଘଟଣାସ୍ଥଳକୁ ଯାଇ ତାହା ପ୍ରଦର୍ଶନ କରିଛି । ଏଥିସହ ଚୋରି କରିଥିବା ଗହଣା, ତାସ୍ ପ୍ରଭୃତି ବାନ୍ଧବୀ ସବିତା ଘରେ ରଖିଥିବା କହିବା ପରେ ବ୍ରହ୍ମଗିରିରୁ ସବିତାକୁ ଗିରଫ କରାଯିବା ସହ ସମସ୍ତ ଚୋରି ସାମଗ୍ରୀ ଜବତ କରାଗଲା । ସୁନା ତାସ୍ ଓ ଗହଣା ଲୋଭରେ କୁଞ୍ଜଲତାଙ୍କ ତଣ୍ଟିଚିପି ହତ୍ୟା କରିଥିବା ବଳଭଦ୍ର କହିଛି । କୁଞ୍ଜଲତାଙ୍କ ମୁଣ୍ଡ କିପରି ଖଣ୍ଡିଆ ହେଲା ବୋଲି ପୋଲିସ ପଚାରିବାରୁ କାନ୍ଥରେ ବାଜି ଖଣ୍ଡିଆ ହୋଇଥିବା ସେ କହିଥିଲା । ବଳଭଦ୍ର ସ୍ତ୍ରୀ ସହ କୁଞ୍ଜଲତାଙ୍କ ଘରେ ମାତ୍ର ୫/୬ମାସ ହେବ କେୟାରଟେକର ଭାବେ କାମ କରୁଥିଲା । ସୁନା ଗହଣା ଲୋଭରେ ୭୬ ବର୍ଷୀୟା ମହିଳାଙ୍କୁ ଜଘନ୍ୟ ଭାବେ ହତ୍ୟା କରିବାକୁ ପଛାଇଲା ନାହିଁ ଅଭିଯୁକ୍ତ ।

ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ୨୦୨୬ରେ

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଆଥଲେଟ୍‌ମାନଙ୍କ ଚମତ୍କାର ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚ୍‌ପିସି) ଏବଂ ରାଉରକେଲାସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଗ୍ରାସରୁଟ୍‌ସ ସେଣ୍ଟରର ଆଥଲେଟ୍‌ମାନେ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ୨୦୨୬ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସରୁ ମୋଟ ୧୩ ଜଣ ଖେଳାଳି ବିଭିନ୍ନ ବିଦ୍ୟାଳୟର ପ୍ରତିନିଧିତ୍ୱ କରି ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମଗ୍ର ଦେଶରୁ ୩୫୦ରୁ ଅଧିକ ଯୁବ ଜିମ୍ନାଷ୍ଟ ଭାଗ ନେଇଥିଲେ।

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଆଥଲେଟ୍‌ମାନେ ନିଜ ନିଜ ବିଦ୍ୟାଳୟର ପ୍ରତିନିଧିତ୍ୱ କରି ଚାମ୍ପିୟନସିପ୍‌ର ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହି ଦଳରେ ଅଣ୍ଡର-୧୭ ବାଳିକା ବର୍ଗରେ ପ୍ରୀତି ଝଙ୍କାର, ଅଣ୍ଡର-୧୭ ବାଳିକା ବର୍ଗରେ ସୁବିଦିତା ବାଗ, ଶୌମ୍ୟଶ୍ରୀ ପ୍ରିୟଦର୍ଶିନୀ ଓ ଜସ୍ମିନ ପ୍ରହରାଜ ଏବଂ ଅଣ୍ଡର-୧୯ ବାଳିକା ବର୍ଗରେ ରୋଜ୍ ମିଞ୍ଜି ସାମିଲ ଥିଲେ। ଏହି ଚାମ୍ପିୟନସିପ୍ ରାଉରକେଲାସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଗ୍ରାସରୁଟ୍‌ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଆଥଲେଟ୍‌ମାନଙ୍କ ପାଇଁ ଜାତୀୟସ୍ତରରେ ପଦାର୍ପଣର ଅବସର ମଧ୍ୟ ଥିଲା। ଏହି ଆଥଲେଟ୍‌ମାନଙ୍କ ମଧ୍ୟରେ ଅଣ୍ଡର-୧୯ ବାଳକ ବର୍ଗରେ ଆଦଭିନ ନାଗ ଓ ପ୍ରଣବଜ୍ଞେନ ମହଲା, ଅଣ୍ଡର-୧୪ ବାଳିକା ବର୍ଗରେ ଅଦ୍ରିଶା କୋଠାରୀ ଏବଂ ଅଣ୍ଡର-୧୯ ବାଳିକା ବର୍ଗରେ ପିର୍ୟା ବଡ଼ାଇକ, ରିମଝିମ ସିଲ୍, ପଙ୍କୁରୀ ସିଲ୍, ଅଦ୍ୟାଶା ପାତ୍ର ଓ ବିଦ୍ୟାଙ୍କା ବେହେରା ସାମିଲ ଥିଲେ।



ଅଣ୍ଡର-୧୭ ବର୍ଗରେ ପ୍ରୀତି ଝଙ୍କାର ଅଲ୍‌ରାଉଣ୍ଡ ଓ ବାଲାନ୍ସ ବିମ୍ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି, ଅଣ୍ଡର-୧୯ ବର୍ଗରେ ରୋଜ୍ ମିଞ୍ଜ ଅଲ୍‌ରାଉଣ୍ଡ ଓ ବାଲାନ୍ସ ବିମ୍ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ସହ ଫ୍ଲୋର୍ ଏକ୍ସରସାଇଜ୍‌ରେ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଅଣ୍ଡର-୧୪ ବର୍ଗରେ ଶୌମ୍ୟଶ୍ରୀ ପ୍ରିୟଦର୍ଶିନୀ ବାଲାନ୍ସ ବିମ୍‌ରେ ଗୋଟିଏ ରୌପ୍ୟ ଓ ଭଲ୍ଟ ଇଭେଣ୍ଟରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ସୁବିଦିତା ବାଗ ଅନଇଭେନ୍ ବାର୍ସ ଓ ଭଲ୍ଟ ଇଭେଣ୍ଟରେ ଦୁଇଟି ରୌପ୍ୟ ପଦକ ହାତେଇଥିଲେ। ଜିମ୍ନାଷ୍ଟିକ୍ସ ଗ୍ରାସରୁଟ୍‌ସ ସେଣ୍ଟରର ଖେଳାଳିମାନଙ୍କ ମଧ୍ୟରୁ ଅଣ୍ଡର-୧୯ ବାଳକ ବର୍ଗରେ ପ୍ରଣବଜ୍ଞେନ ମହଲା ପାରାଲେଲ୍ ବାର୍ସ ଇଭେଣ୍ଟରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏହା ଗ୍ରାସରୁଟ୍‌ସ କାର୍ଯ୍ୟକ୍ରମ ପାଇଁ ଏକ ଉଲ୍ଲେଖନୀୟ ସଫଳତା।

ବିଭିନ୍ନ ବର୍ଗରେ ୪ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ହାସଲ

ଆଥଲେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି "ସିବିଏସ୍‌ଇ ଜାତୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନସିପ୍ ୨୦୨୬ରେ ଆମର ଯୁବ ଜିମ୍ନାଷ୍ଟମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆମେ ଅତ୍ୟନ୍ତ ଗର୍ବିତ। ଉଭୟ କେନ୍ଦ୍ରର ଖେଳାଳିମାନଙ୍କ ଦ୍ୱାରା ହାସଲ କରାଯାଇଥିବା ଏହି ଉଲ୍ଲେଖନୀୟ ସଫଳତା ଯୁବ ପ୍ରତିଭାମାନଙ୍କୁ ବିକଶିତ କରିବା ଏବଂ ସେମାନଙ୍କୁ ଉ

ଭାରତ ବିଶ୍ୱର ୫ମ ବଡ଼ ଷ୍ଟକ୍ ବଜାର



ନୂଆଦିଲ୍ଲୀ: ଗତ କିଛି ଦିନ ମଧ୍ୟରେ ପୁଞ୍ଜି ବଜାରର ଉତ୍ସାହଜନକ ପ୍ରଦର୍ଶନ ପ୍ରଭାବରେ ଭାରତୀୟ ଷ୍ଟକ୍ ବଜାର ପୁଣି ଥରେ ବିଶ୍ୱର ଶ୍ରେଷ୍ଠ ୫ଟି ଷ୍ଟକ୍ ବଜାର ମଧ୍ୟରେ ସାମିଲ ହୋଇଛି। ଏହା ତାଇୱାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛି। ଭାରତର ମୋଟ୍ ବଜାର ପୁଞ୍ଜି ପରିମାଣ ୫.୫ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଶୀର୍ଷ ସ୍ଥାନରେ ୮୦.୯ ଟ୍ରିଲିୟନ ଡଲାର ବଜାର ପୁଞ୍ଜି ସହ ଆମେରିକା ରହିଛି। ଏହା ପଛକୁ ଚୀନ, ଜାପାନ ଓ ହଂକଂ ରହିଛନ୍ତି। ଭାରତ ପଞ୍ଚମ ସ୍ଥାନରେ ଥିବା ବେଳେ ଷଷ୍ଠରେ ତାଇୱାନ, ସପ୍ତମରେ କାନାଡା, ଅଷ୍ଟମରେ ବ୍ରିଟେନ, ନବମରେ ଦକ୍ଷିଣ କୋରିଆ ଓ ଦଶମ ସ୍ଥାନରେ ଫ୍ରାନ୍ସ ବଜାର ରହିଛି।

ଗତ ଅକ୍ଟୋବରରେ ୪୫,୧୬୨ କୋଟି ଟଙ୍କାର ଭାରତୀୟ ଇକ୍ୱିଟି ସେୟାର ବିକ୍ରି କରିଥିବା ବୈଦେଶିକ ନିବେଶକମାନେ ନଭେମ୍ବର ମାସରେ ସେୟାର କିଣୁଛନ୍ତି। ଚଳିତ ମାସର ୧୧ ତାରିଖ ସୁଦ୍ଧା ବୈଦେଶିକ ପୋର୍ଟଫୋଲିଓ ନିବେଶକମାନେ ୬୩,୭୩୫ କୋଟି ଟଙ୍କାର ସେୟାର କିଣିଥିଲେ। ଘରୋଇ ସଂସ୍ଥାଗତ ନିବେଶକମାନେ ୪୦,୫୦୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଜିଓଜିତ୍ ଇନଭେଷ୍ଟମେଣ୍ଟ୍ସର ଚିଫ୍ ଇନଭେଷ୍ଟମେଣ୍ଟ୍ ଷ୍ଟ୍ରାଟେଜିଷ୍ଟ ଡକ୍ଟର ଭି କେ ବିଜୟକୁମାର କହିଛନ୍ତି, ନଭେମ୍ବର ପର୍ଯ୍ୟନ୍ତ ବିଦେଶୀ ନିବେଶକ ସେୟାର ବିକୁଥିଲେ ଓ ଘରୋଇ ନିବେଶକ କିଣୁଥିଲେ। ନଭେମ୍ବର ମାସରୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ବିଦେଶୀ ନିବେଶକମାନେ ସେୟାର କିଣୁଥିବା ବେଳେ ଘରୋଇ ନିବେଶକମାନେ ବିକ୍ରି କରୁଛନ୍ତି।ଭାରତୀୟ ଷ୍ଟକ୍ ବଜାର ସ୍ଥିତିରେ ସୁଧାର ହେବାର ଅନ୍ୟତମ କାରଣ ହେଉଛି ଏଆଇକୁ ନେଇ ରହିଥିବା ଉତ୍ସାହ ମାନ୍ଦା ପଡ଼ିବା। ତାଇୱାନ ଓ ଦକ୍ଷିଣ କୋରିଆରେ ନିବେଶକମାନେ ଏଆଇ କମ୍ପାନିର ସେୟାରଗୁଡ଼ିକୁ ବିପୁଳ ପରିମାଣରେ ବିକ୍ରି କରିଛନ୍ତି। ଫଳରେ ସେହି ଦୁଇ ଦେଶର ଷ୍ଟକ୍ ବଜାର ସୂଚକାଙ୍କରେ ବଡ଼ ଧରଣର ହ୍ରାସ ହୋଇଛି। ସମ୍ଭବତଃ ନିବେଶକମାନେ ସେଠାରୁ ପ୍ରତ୍ୟାହାର କରିଥିବା ପାଣ୍ଠିକୁ ଭାରତୀୟ ବଜାରରେ ନିବେଶ କରିଥିବା ଅନୁମାନ କରାଯାଉଛି। ଗତ ଅକ୍ଟୋବରରେ ବିଦେଶୀ ନିବେଶକମାନେ ତାଇୱାନ ବଜାରରୁ ୩୦୬୮ କୋଟି ଡଲାର ଓ ଦକ୍ଷିଣ କୋରିଆରୁ ୧୪୫୯ କୋଟି ଡଲାର ପ୍ରତ୍ୟାହାର କରିଥିଲେ। ଅନ୍ୟ ପକ୍ଷରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଘଟିଥିବା ସୁଧାର ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଲାଭଦାୟକ ହୋଇଛି। ତାହା ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି।

''ଆଇଆରଏଫ୍'' ୫ ବର୍ଷ ପାଇଁ ନିଷିଦ୍ଧ

ନୂଆଦିଲ୍ଲୀ: ବିବାଦୀୟ ଇସଲାମିକ୍ ପ୍ରଚାରକ ଜାକିର ନାଏକଙ୍କ ସଂଗଠନ "ଇସଲାମିକ୍ ରିସର୍ଜ ଫାଉଣ୍ଡେସନ୍" (ଆଇଆରଏଫ୍) ଉପରେ ଲାଗିଥିବା ପ୍ରତିବନ୍ଧକକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶୁକ୍ରବାର ଆଉ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ, ସଂଗଠନଟି ଏବେ ବି ଜାତୀୟ ନିରାପତ୍ତା ଏବଂ ସାମ୍ପ୍ରଦାୟିକ ସଦଭାବ ପ୍ରତି ବିପଦ ସୃଷ୍ଟିକାରୀ କାର୍ଯ୍ୟକଳାପରେ ଲିପ୍ତ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୂର୍ବରୁ ଲାଗୁ ହୋଇଥିବା କଟକଣାର ଅବଧି ଶେଷ ହେବାର ଗୋଟିଏ ଦିନ ପୂର୍ବରୁ ସରକାର ଏହି ନୂତନ ବିଜ୍ଞପ୍ତି ଜାରି କରିଛନ୍ତି। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାକେଶ ରାଠାଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଆଇଆରଏଫ୍ ଏବଂ ଏହାର ପ୍ରତିଷ୍ଠାତା-ଅଧ୍ୟକ୍ଷ ଜାକିର ଅବଦୁଲ କରିମ୍ ନାଏକ ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା, ଘୃଣା ଏବଂ ବିଦ୍ୱେଷ ସୃଷ୍ଟି କରିବା ପାଇଁ ନିଜ ଅନୁଗାମୀମାନଙ୍କୁ ନିରନ୍ତର ପ୍ରୋତ୍ସାହିତ କରିଆସୁଛନ୍ତି। ଜାକିର ନାଏକଙ୍କ ଭାଷଣ ଓ ବକ୍ତବ୍ୟ ଅତ୍ୟନ୍ତ ଆପତ୍ତିଜନକ ଏବଂ ଦେଶବିରୋଧୀ ହୋଇଥିବା ବେଳେ ଏହା ଭାରତ ତଥା ବିଦେଶରେ ଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଉସକାଉଛି। ଯଦି ଏହି ବେଆଇନ କାର୍ଯ୍ୟକଳାପକୁ ତୁରନ୍ତ ନିୟନ୍ତ୍ରଣ କରାନଯାଏ, ତେବେ ଆଇଆରଏଫ୍ ଏହାର ଫେରାର ଥିବା କର୍ମୀମାନଙ୍କୁ ପୁନଃ ସଂଗଠିତ କରି ଦେଶର ଧର୍ମନିରପେକ୍ଷ ଢାଞ୍ଚାକୁ ନଷ୍ଟ କରିବା ସହ ଉଗ୍ରବାଦକୁ ସମର୍ଥନ କରି ବିଚ୍ଛିନ୍ନତାବାଦକୁ ବଢ଼ାଇବ ବୋଲି ମନ୍ତ୍ରଣାଳୟ ଚେତାବନୀ ଦେଇଛି।ପ୍ରତ୍ୟର୍ପଣ ପାଇଁ ବାରମ୍ବାର ଦାବି ସୂଚନାଯୋଗ୍ୟ ଯେ, ୨୦୧୬ ମସିହାରେ ବାଂଲାଦେଶର ଢାକା ସ୍ଥିତ ଏକ କାଫେରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଆକ୍ରମଣକାରୀମାନେ ଜାକିର ନାଏକଙ୍କ ଭାଷଣରୁ ପ୍ରେରଣା ପାଇଥିବା ସ୍ୱୀକାର କରିବା ପରେ ନାଏକ ଭାରତ ଛାଡ଼ି ପଳାଇଥିଲେ। ଏହାପରେ ୨୦୧୬ ନଭେମ୍ବରରେ ଭାରତ ସରକାର ପ୍ରଥମ ଥର ପାଇଁ ଆଇଆରଏଫକୁ ୫ ବର୍ଷ ପାଇଁ ନିଷିଦ୍ଧ କରିଥିଲେ ଏବଂ ୨୦୨୧ରେ ଏହାର ଅବଧି ବଢ଼ାଇଥିଲେ। ବର୍ତ୍ତମାନ ମାଲେସିଆରେ ସ୍ଥାୟୀ ନାଗରିକତା ପାଇ ରହୁଥିବା ଜାକିର ନାଏକଙ୍କ ବିରୋଧରେ ଭାରତରେ ଅର୍ଥ ହେରଫେର ଏବଂ ଉଗ୍ରବାଦକୁ ପ୍ରୋତ୍ସାହନ ଦେବା ଭଳି ସଙ୍ଗୀନ ମାମଲା ରହିଛି। ଭାରତ ସରକାର ତାଙ୍କର ପ୍ରତ୍ୟର୍ପଣ ପାଇଁ ବାରମ୍ବାର ଦାବି କରିଆସୁଥିବା ବେଳେ ସେ ଗତ ୨୦୨୪ ଅକ୍ଟୋବର ଏବଂ ୨୦୨୫ ଫେବୃଆରୀରେ ପାକିସ୍ତାନ ଗସ୍ତ କରି ସେଠାକାର ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଭେଟିଥିଲେ।

ପିଏମ୍ ମୋ ଫୋନ୍ ଟ୍ୟାପ୍ କରୁଛନ୍ତି: ରାହୁଲ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଖୋଲା ମଞ୍ଚରେ ଏକକ ବିତର୍କ ପାଇଁ ପୁଣି ଆହ୍ୱାନ କରିଛନ୍ତି କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ମୋଦୀଙ୍କ ବିରୋଧରେ ତାଙ୍କର ସମସ୍ତ ଅଭିଯୋଗର ପ୍ରମାଣ ନିଜ ମୋବାଇଲ୍ ଫୋନ୍‌ରେ ରହିଛି ଏବଂ ପ୍ରଧାନମନ୍ତ୍ରୀ ତାଙ୍କ ଫୋନ୍ ଟ୍ୟାପ୍ କରୁଥିବା ରାହୁଲ ଅଭିଯୋଗ କରିଛନ୍ତି। ତେବେ ରାହୁଲଙ୍କ ଏହି ଆହ୍ୱାନକୁ ବିଜେପି ଖାରଜ କରିବା ସହ ସଂସଦରେ ଗମ୍ଭୀରତାର ସହ ବିତର୍କ କରିବାକୁ କହିଛି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ 'ଆସ୍କ ମି' ଅଧିବେଶନରେ ରାହୁଲଙ୍କୁ ପଚରାଯାଇଥିଲା ଯେ, ବିଜେପି ସଂସଦରେ ବିତର୍କ ପାଇଁ କହୁଥିବାବେଳେ ସେ କାହିଁକି ଖୋଲା ମଞ୍ଚରେ ବିତର୍କ ପାଇଁ ଜିଦ୍ ଧରିଛନ୍ତି। ଏହାର ଉତ୍ତରରେ ସେ କହିଥିଲେ ଯେ, ତାଙ୍କୁ ସଂସଦରେ କହିବାକୁ ଦିଆଯାଉନାହିଁ, ଏପରିକି ତାଙ୍କ ମାଇକ୍ ମଧ୍ୟ ବନ୍ଦ କରିଦିଆଯାଇଛି। ରାହୁଲ କହିଛନ୍ତି, "କୃଷି ଆଇନ, ଭୋଟ୍ ଚୋରି, ଏସ୍‌ଆଇଆର୍, ଚୀନ୍, ଜେନେରାଲ୍ ନରବଣେଙ୍କ ପୁସ୍ତକ ଓ ଏପଷ୍ଟିନ୍ ପ୍ରସଙ୍ଗରେ ମୋତେ କହିବାକୁ ଦିଆଯାଇନାହିଁ। ମୁଁ ଏକକ ବିତର୍କ ଚାହୁଁଛି। ଦୀର୍ଘ ଭାଷଣ ଥିବା ବିତର୍କ ମୋର ଆବଶ୍ୟକ ନାହିଁ।" ସେ ଆହୁରି କହିଛନ୍ତି, "ନରେନ୍ଦ୍ର ମୋଦୀ ମୋ ବିରୋଧରେ ଅଭିଯୋଗ କରନ୍ତୁ ଏବଂ ମୁଁ ତାଙ୍କ ବିରୋଧରେ ଅଭିଯୋଗ କରିବି। ଗୋଟିଏ ଟେବୁଲ୍‌ର ଏକ ପାର୍ଶ୍ୱରେ ମୋଦୀଜୀ ଓ ଅନ୍ୟ ପାର୍ଶ୍ୱରେ ମୁଁ ରହିବି।" ଏହି ବିତର୍କର ବିଚାରକ ଭାବେ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ କିମ୍ବା ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ନିଯୁକ୍ତ କରାଗଲେ ମଧ୍ୟ ତାଙ୍କର କୌଣସି ଆପତ୍ତି ନାହିଁ ବୋଲି ରାହୁଲ କହିଛନ୍ତି। ତାଙ୍କ ଦାବି, "ମୋ ସହ ଏକକ ବିତର୍କ ହେଲେ ପ୍ରଧାନମନ୍ତ୍ରୀ ଆଉ ପ୍ରଧାନମନ୍ତ୍ରୀ ରହିବେ ନାହିଁ।"

ରାହୁଲ ଗାନ୍ଧୀ ଆଉ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ତାଙ୍କର ସମସ୍ତ ଅଭିଯୋଗର ପ୍ରମାଣ ମୋବାଇଲ୍ ଫୋନ୍‌ରେ ରହିଛି, ଯାହାକୁ ପ୍ରଧାନମନ୍ତ୍ରୀ ଟ୍ୟାପ୍ କରୁଛନ୍ତି। ଏକକ ବିତର୍କରେ କିଏ ବିଦେଶୀ ଶକ୍ତି ଦ୍ୱାରା ନିୟନ୍ତ୍ରିତ ଏବଂ କିଏ ଦେଶଦ୍ରୋହୀ, ତାହା ସ୍ପଷ୍ଟ ହୋଇଯିବ ବୋଲି ସେ ଦାବି କରିଛନ୍ତି। 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ରାହୁଲ କହିଛନ୍ତି, "ପ୍ରଧାନମନ୍ତ୍ରୀ ଯଦି ମୋ ସହ ବିତର୍କ କରିବାକୁ ଆସନ୍ତି, ତେବେ ତାଙ୍କର ରାଜନୈତିକ ଜୀବନ ଶେଷ ହୋଇଯିବ। ସେ ଏହା ଜାଣନ୍ତି ଏବଂ ମୁଁ ମଧ୍ୟ ଜାଣେ।

ଶାନ୍ତି କୁଟୀରମ୍‌ର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ

ଚରିତ୍ର ଗଠନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ ଥିଲା ଶେଷାଦ୍ରିଙ୍କ ଜୀବନର ଲକ୍ଷ୍ୟ: ମୋଦୀ

ବେଙ୍ଗାଲୁରୁ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ପ୍ରଶାନ୍ତି କୁଟୀରମର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଏଚ୍. ଭି. ଶେଷାଦ୍ରିଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ସହ ଚରିତ୍ର ଗଠନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପ୍ରଶାନ୍ତି କୁଟୀରମର ୫୦ ବର୍ଷର ଯାତ୍ରା ସେବା ଓ ସମର୍ପଣର ଏକ ଅନନ୍ୟ ଉଦାହରଣ। ଏକ ସାଧାରଣ ଯୋଗ କେନ୍ଦ୍ରରୁ ଏହା ଏକ ବିଶାଳ ଆନ୍ଦୋଳନରେ ପରିଣତ ହୋଇଛି। ଏଚ୍.ଭି. ଶେଷାଦ୍ରି ନିଜ ଜୀବନକୁ ଚରିତ୍ର ଗଠନ ମାଧ୍ୟମରେ ରାଷ୍ଟ୍ର ନିର୍ମାଣ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ସରଳତା, ନମ୍ରତା ଓ ସମାଜସେବା ମନୋଭାବ



ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଗତ ୧୨ ବର୍ଷ ମଧ୍ୟରେ ଭାରତ ନିଜର ସଂସ୍କୃତି, ପରିଚୟ ଓ ବୈଜ୍ଞାନିକ ଐତିହ୍ୟକୁ ବିଶ୍ୱସ୍ତରରେ ଆତ୍ମବିଶ୍ୱାସର ସହ ଉପସ୍ଥାପନ କରିଆସୁଛି। ଏହାର ପରିଣାମସ୍ୱରୂପ ଆଜି ବିଶ୍ୱର ବିଭିନ୍ନ ଦେଶରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗାସନକୁ ପ୍ରତିଯୋଗିତାମୂଳକ କ୍ରୀଡ଼ାର ମାନ୍ୟତା ମିଳିବା ସହ ଖେଲୋ ଇଣ୍ଡିଆ ଓ ଜାତୀୟ କ୍ରୀଡ଼ାରେ ଏହାକୁ ସ୍ଥାନ ମିଳିଛି ବୋଲି ମୋଦୀ ଉଲ୍ଲେଖ କରିଥିଲେ। ଏଥିସହ ଆୟୁର୍ବେଦ ଗବେଷଣା, ପେଟେଣ୍ଟ ଓ ଔଷଧୀୟ ଉତ୍ପାଦର ରପ୍ତାନିକୁ ପ୍ରୋତ୍ସାହନ ଦେବା ଦିଗରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ କହିଥିଲେ। ବିଶ୍ୱର ୧୫୦ରୁ ଅଧିକ ଦେଶରେ ଆୟୁର୍ବେଦ ପ୍ରଶିକ୍ଷଣ ପାଠ୍ୟକ୍ରମକୁ ସ୍ୱୀକୃତି ମିଳିଥିବା ବେଳେ ୨୮ଟି ଦେଶ ସହ ଏ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ହୋଇଛି। ଏହା ସହ ଜାମନଗରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପାରମ୍ପରିକ ଚିକିତ୍ସା ବିଶ୍ୱ କେନ୍ଦ୍ର ସ୍ଥାପନ ଓ ଇ-ଆୟୁଷ ଭିସା ବ୍ୟବସ୍ଥା ଆରମ୍ଭ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ।

ଅମୃତପାଲ ସିଂହଙ୍କୁ ମିଳିଲା ଦନିକିଆ ପାରୋଲ



ନୂଆଦିଲ୍ଲୀ: ଖଡୁର ସାହେବର ସାଂସଦ ତଥା ଖଲିସ୍ତାନ ସମର୍ଥକ ଅମୃତପାଲ ସିଂହଙ୍କୁ ଗୋଟିଏ ଦିନ ପାଇଁ ପାରୋଲ ମିଳିଯାଇଛି। ୮ ନଭେମ୍ବରରେ ତାଙ୍କ ଜେଜେମା'ଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଅମୃତପାଲଙ୍କ ଅପେକ୍ଷାରେ ଜେଜେମା'ଙ୍କର ଅନ୍ତିମ ସଂସ୍କାର କରାଯାଇ ନଥିଲା। ୨୦୨୩ ମସିହାରେ ଅଜନଲା ପୁଲିସ ଷ୍ଟେସନ ଉପରେ ହୋଇଥିବା ଆକ୍ରମଣ ମାମଲାରେ ଅମୃତପାଲ ସିଂହ ବର୍ତ୍ତମାନ ଆସାମର ଦିବ୍ରୁଗଡ଼ ଜେଲରେ ବନ୍ଦୀ ଅଛନ୍ତି। ଅମୃତପାଲଙ୍କ ବିରୋଧରେ ଜାତୀୟସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା।

ଏନଭିଡିଆ ସିଇଓ ଦୌଡ଼ରେ ୩ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ: ବିଶ୍ୱର ଅଗ୍ରଣୀ ଏଆଇ ଚିପ୍ କମ୍ପାନୀ ଏନଭିଡିଆର ସିଇଓ ଜେନ୍ସେନ୍ ହୁଆଙ୍ଗ ଇସ୍ତଫା ଦେବା ପରେ ତାଙ୍କ ଉତ୍ତରାଧିକାରୀ ସନ୍ଧାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୌଡ଼ରେ ୩ ଜଣ ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ସେମାନେ ହେଉଛନ୍ତି ସଞ୍ଜୟ ମାଲହୋତ୍ରା, ନିକେଶ ଅରୋରା ଓ ଥମାସ କୁରିଏନ। ଏହା ବ୍ୟତୀତ ପ୍ରଯୁକ୍ତି ଦୁନିଆ ବିଶିଷ୍ଟ ଲିଡର୍ ଟିମ୍ କୁକ୍, କୋଲେଟି କ୍ରେସ୍, ଇଆନ ବୁକ୍, ରେନେ ହାସ, ଲିସା ସୁ ଓ ପ୍ୟାଟ୍ ଗେଲ୍ସିଙ୍ଗର ମଧ୍ୟ ଦୌଡ଼ରେ ରହିଛନ୍ତି। ହୁଆଙ୍ଗ ନିଜ ଆଡୁ ଇସ୍ତଫା ଦେବା ପରେ ଏନ୍ଭିଡିଆ କ୍ରେସଙ୍କୁ ଅନ୍ତରୀଣ ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଞ୍ଜୟ ହେଉଛନ୍ତି ଆମେରିକୀୟ ଚିପ୍ କମ୍ପାନି ମାଇକ୍ରନ୍ ଟେକ୍ନୋଲୋଜିର ସିଇଓ। ୨୦୧୭ ପରଠାରୁ ସେ ଏହି ଦାୟିତ୍ୱ ତୁଲାଉଛନ୍ତି। ୧୯୮୮ରେ ସେ ସାନ୍ଡିସ୍କକୁ ପ୍ରତିଷ୍ଠା କରିଥିଲେ। ସେହିପରି, ନିକେଶ ହେଉଛନ୍ତି ସାଇବର ନିରାପତ୍ତା କମ୍ପାନି ପାଲୋ ଅଲ୍ଟୋ ନେଟ୍‌ୱର୍କର ମୁଖ୍ୟ ଭାବେ କାମ କରୁଛନ୍ତି। ୨୦୧୮ ପରଠାରୁ ସେ ଏହି



ଦାୟିତ୍ୱରେ ଅଛନ୍ତି। ଥମାସ୍ ଗୁରାଲ୍ କ୍ଲାଉଡ୍ ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଏନ୍ଭିଡିଆ ଏହାର ସିଇଓ ପଦ ପାଇଁ ଉଭୟ କମ୍ପାନି ଭିତର ଓ ବାହାରର ପ୍ରାର୍ଥୀଙ୍କୁ ବିଚାରକୁ ନେବ।

ତନିଷ୍କ ସୋରୁମରୁ ୫୦ କୋଟିର ଗହଣା ଲୁଟ୍

ଚେନ୍ନାଇ: ତାମିଲନାଡୁର ମଦୁରାଇରେ ଏକ ନୂତନ ଭାବରେ ଖୋଲାଯାଇଥିବା ତନିଷ୍କ ସୋରୁମରେ ଜଣେ ଚୋର ଏକାକୀ ପଶି ପ୍ରାୟ ୫୦ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର ନେଇ ରାତାରାତି ଛୁ ମାରିଛି। ସିସିଟିଭି ଫୁଟେଜରେ ଦେଖାଯାଇଛି ଯେ, ସନ୍ଦିଗ୍ଧ ବ୍ୟକ୍ତି ଲିଫ୍ଟ ସାଫ୍ଟ ପାଖରେ ଏକ ଖୋଲା ବାଟ ଦେଇ ସୋରୁମ ଭିତରେ ପ୍ରବେଶ କରୁଛନ୍ତି। ଗୁରୁବାର ସକାଳେ ସୋରୁମ୍ର କର୍ମଚାରୀ ଆସିବା ପରେ ଦେଖିଥିଲେ ଯେ, ଗହଣା ସବୁ ଚୋରି ହୋଇଯାଇଛି। କର୍ମଚାରୀ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରୁଛି।ପ୍ରାରମ୍ଭିକ ଆକଳନ ଅନୁଯାୟୀ, ସୋରୁମରେ ପ୍ରାୟ ୧୩ କିଲୋଗ୍ରାମ ସୁନା ଅଳଙ୍କାର ଓ ୩ କିଲୋଗ୍ରାମ ହୀରା ଅଳଙ୍କାର ମହଜୁଦ ଥିଲା।

ମଣିପୁରରେ ଆତଙ୍କବାଦୀଙ୍କ ଗୁଳିମାଡ଼, ୪ ମୃତ

ଇମ୍ଫାଲ: ମଣିପୁରରେ ପୁଣି ହିଂସାକାଣ୍ଡ ଘଟିଛି। ଶୁକ୍ରବାର ଉଖରୁଲ୍ ଜିଲ୍ଲାର ଇମ୍ଫାଲ-ଉଖରୁଲ୍ ରାସ୍ତାରେ ଦୁଇଟି କାର୍ ଉପରେ ସଶସ୍ତ୍ର ଉଗ୍ରବାଦୀମାନେ ଗୁଳିମାଡ଼ କରିବାରୁ ଦୁଇ ମହିଳାଙ୍କ ସମେତ ଚାରି ଜଣଙ୍କ ମୃତ୍ୟୁ ହୋଇଛି। ନ୍ୟୁ ହେଭେନ୍ ଅଞ୍ଚଳରେ ଏହି ଆକ୍ରମଣ ଘଟିଥିବା ମଣିପୁର ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦୁଇଟି ଚାରିଚକିଆ ଗାଡ଼ିରେ ଯାତ୍ରା କରୁଥିବା ଦୁଇ ପୁରୁଷ ଓ ଦୁଇ ମହିଳା ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଗାଡ଼ିର ସାମ୍ନା କାଚରେ ଏକାଧିକ ଗୁଳି ଚିହ୍ନ ଦେଖିବାକୁ ମିଳିଛି। ତେବେ ମୃତକଙ୍କ ପରିଚୟ ଓ ଆକ୍ରମଣ ପଛରେ କେଉଁ ସଶସ୍ତ୍ର ଗୋଷ୍ଠୀର ହାତ ରହିଛି, ତାହା ପୁଲିସ ପକ୍ଷରୁ ତୁରନ୍ତ ସ୍ପଷ୍ଟ କରାଯାଇନାହିଁ। ଆକ୍ରମଣର କାରଣ ମଧ୍ୟ ଜଣାପଡ଼ିନାହିଁ।ଏହି ଘଟଣାର ଦିନକ ପୂର୍ବରୁ ମଣିପୁରର କାଙ୍ଗପୋକପି ଓ ସେନାପତି ଜିଲ୍ଲା ସୀମାନ୍ତରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ତାଫୋଉ କୁକି ଗ୍ରାମ ନିକଟରେ ଘଟିଥିବା ଏହି ଗୁଳିକାଣ୍ଡରେ ୪୨ ବର୍ଷୀୟ କୁକି ମହିଳା କିମ୍ନେଇନେଙ୍ଗ ଚୋଙ୍ଗଲୋଇଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଥିଲେ। ଘଟଣାଟି ଗୁରୁବାର ସକାଳ ପ୍ରାୟ ୧୧ଟାରେ ଘଟିଥିଲା। ଏହାକୁ ନେଇ କାଙ୍ଗପୋକପି ଜିଲ୍ଲାରେ ଆଦିବାସୀ ସଂଗଠନ କମିଟି ଅନ୍ ଟ୍ରାଇବାଲ୍ ୟୁନିଟି (କୋଟୁ) ପକ୍ଷରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଶୁକ୍ରବାର ଏହାର ପ୍ରଭାବରେ ଦୋକାନବଜାର ବନ୍ଦ ରହିବା ସହ ବସ୍ ଓ ଅଟୋ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।ମଣିପୁରର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ଚଳିତ ବର୍ଷ ଫେବ୍ରୁଆରିରୁ ଲାଗି ରହିଥିବା ସଂଘର୍ଷରେ ଅତି କମ୍ରେ ୫୦ ଜଣଙ୍କ ଜୀବନ ଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ, ୨୦୨୩ ମେ ମାସରୁ ମୈତେୟୀ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ବ୍ୟାପକ ଜାତିଗତ ସଂଘର୍ଷରେ ଏଯାଏଁ ଅତି କମ୍ରେ ୩୦୬ ଜଣଙ୍କ ମୃତ୍ୟୁ ହୋଇଛି।

ସିରିଜ୍ ଦୁର୍ଘଟଣାରେ ୧୪ ଜଣଙ

ଏସିଆ ରଗବୀ ସେଭେନ୍ସ ପାଇଁ ଭୁବନେଶ୍ୱର ପ୍ରସ୍ତୁତ

କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଦୁଇଦିନିଆ ଲଢ଼େଇ, ଟ୍ରଫି ଉନ୍ମୋଚନ କଲେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଭୁବନେଶ୍ୱର,୧୩।୧୧(ସବ୍ୟୁ): ଆନ୍ତର୍ଜାତିକ ରଗବୀ ପ୍ରତିଯୋଗିତା ଆୟୋଜନ ପାଇଁ ପୁଣିଥରେ ପ୍ରସ୍ତୁତ ହୋଇଛି ଭୁବନେଶ୍ୱର। ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନ୍ସିପ୍-୨୦୨୬। ଏହି ଦୁଇଦିନିଆ ପ୍ରତିଯୋଗିତାରେ ଏସିଆର ୧୦ଟି ଦେଶର ୧୭ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପୂର୍ବରୁ ଟ୍ରଫି ଉନ୍ମୋଚନ କରିଛନ୍ତି ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଏହି ଚାମ୍ପିଅନସିପରେ ପୁରୁଷ ବିଭାଗରେ ୧୦ଟି ଏବଂ ମହିଳା ବିଭାଗରେ ୭ଟି ଦଳ ଭାଗ ନେବେ। ଭାରତ ସମେତ ସିଙ୍ଗାପୁର, ମାଲେସିଆ, ହଂକଂ ଚୀନ୍, ଥାଇଲାଣ୍ଡ, ଉଜବେକିସ୍ତାନ, ଶ୍ରୀଲଙ୍କା, ଚାଇନିଜ୍ ତାଇପେଇ, ନେପାଳ ଓ ଜୋର୍ଡାନର ଦଳଗୁଡ଼ିକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମରେ ୩ ଟି ଜାତୀୟ ସ୍ତରୀୟ ରଗ୍ବୀ ଚାମ୍ପିଅନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗବୀ ସେଭେନ୍ସ ଚାମ୍ପିଅନସିପ୍, ଅସ୍ମିତା ରଗବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗବୀ ୧୫ ଏସ୍ ଚାମ୍ପିଅନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି। ୨୦୧୮ ମସିହା ପରେ ଦୀର୍ଘ ୮ ବର୍ଷ ପରେ ଚଳିତ ବର୍ଷ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗବୀ ଚାମ୍ପିଅନସିପ୍ (ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬) ଅନୁଷ୍ଠିତ ହେଉଛି। ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ରଗବୀ ଚାମ୍ପିଅନସିପ୍ ଅନୁଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାର ଆୟୋଜନ ନିଶ୍ଚିତ ଭାବେ ଦେଶ ଓ ରାଜ୍ୟରେ ଯୁବ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ। ଏଥିସହ ଓଡ଼ିଶା ସରକାରଙ୍କ ତରଫରୁ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ନିମନ୍ତେ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ସହ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଏସିଆ ରଗବୀର କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ରଗବୀ ଇଣ୍ଡିଆର ସାଧାରଣ ସମ୍ପାଦକ ଜେରାଲ୍ଡ ପ୍ରଭୁ କହିଥିଲେ ଯେ, ଭାରତରେ ଏଭଳି ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନ ଦ୍ୱାରା ଦେଶର ଯୁବ ଖେଳାଳିମାନେ ଶକ୍ତିଶାଳୀ ବିଦେଶୀ ଦଳ ବିପକ୍ଷରେ ଖେଳିବାର ସୁଯୋଗ ପାଇବେ। ଏହା ଭାରତରେ ରଗବୀର ବିକାଶକୁ ଆହୁରି ଆଗକୁ ନେବ। ଏସିଆ ରଗବୀର ମୁଖ୍ୟ କାର୍ଯ୍ୟନିର୍ବାହୀ ବେଞ୍ଜାମିନ୍ ଭାନ୍ ରୁୟେନ୍ ମଧ୍ୟ ଭାରତରେ ରଗବୀର ବଢୁଥିବା ଲୋକପ୍ରିୟତା ଓ ଭୁବନେଶ୍ୱରର କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କରିଥିଲେ।

ଆଜିର ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ରଗ୍ବୀ ଫୁଟବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡ଼ା. ଯେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭାରତର ମ୍ୟାଚ୍ ସୂଚୀ

ପ୍ରଥମ ଦିନ ନଭେମ୍ବର ୧୪ରେ ଭାରତୀୟ ପୁରୁଷ ଦଳ ଉଜବେକିସ୍ତାନକୁ ସକାଳ ୯ଟାରେ ଭେଟିବ। ସେହିଦିନ ମହିଳା ଦଳ ସକାଳ ୧୧ଟା ୨୨ରେ ନେପାଳ, ଅପରାହ୍ନ ୨ଟା ୨୨ରେ ସିଙ୍ଗାପୁର ଓ ୪ଟା ୫୬ରେ ଶ୍ରୀଲଙ୍କା ସହ ଖେଳିବ। ପୁରୁଷ ଦଳ ଅପରାହ୍ନ ୩ଟା ୨୮ରେ ହଂକଂ ଚୀନ୍ ଏବଂ ୫ଟା ୪୦ରେ ନେପାଳକୁ ଭେଟିବ। ଦ୍ୱିତୀୟ ଦିନ ସକାଳ ୯ଟାରେ ପୁରୁଷ ଦଳ ଚାଇନିଜ୍ ତାଇପେଇ ସହ ଖେଳିବ। ଏହାପରେ ଗ୍ରୁପ୍ ପର୍ଯ୍ୟାୟର ଅବଶିଷ୍ଟ ମ୍ୟାଚ୍ ଓ ନକ୍‌ଆଉଟ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ।

ହେନରୀଙ୍କ ଘାତକ ବୋଲିଂରେ ଧରାଶାୟୀ ଭାରତ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ମ୍ୟାଟ୍ ହେନରୀଙ୍କ ଘାତକ ବୋଲିଂ ଆଗରେ ତାସ୍ ଘର ପରି ଭୁଶୁଡ଼ି ପଡ଼ିଲା ଭାରତୀୟ ବ୍ୟାଟିଂକ୍ରମ। ୩୩୪ ରନର ବିଜୟଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭାରତୀୟ ଦଳ ମାତ୍ର ୮୯ ରନ୍ରେ ଅଲ୍‌ଆଉଟ୍ ହୋଇଛି। ହେନରୀ ୯.୪ ଓଭରରେ ୨୭ ରନ୍ ଦେଇ ୬ଟି ୱିକେଟ୍ ନେଇ ଭାରତର ପରାଜୟର ମୁଖ୍ୟ କାରଣ ସାଜିଥିଲେ। ଫଳରେ ଚତୁର୍ଥ ଦିନିକିଆରେ ନ୍ୟୁଜିଲାଣ୍ଡ ୨୪୪ ରନର ବୃହତ୍ ବିଜୟ ହାସଲ କରିଛି।

ଟସ୍ ଜିତି ଭାରତର କାମଚଳା ଅଧିନାୟକ ଶ୍ରେୟସ ଆୟର ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନିୟମିତ ଅଧିନାୟକ ଶୁବମନ ଗିଲ୍ ଏହି ମ୍ୟାଚ୍ରେ ଖେଳୁ ନ ଥିବାରୁ ଆୟର ଦଳର ନେତୃତ୍ୱ ନେଇଥିଲେ। ହେଲେ ଭାରତୀୟ ବୋଲରମାନେ ନ୍ୟୁଜିଲ୍ୟାଣ୍ଡର ବ୍ୟାଟର୍ଙ୍କୁ ରୋକିବାରେ ବିଫଳ ହୋଇଥିଲେ।

ୱିଲ୍ ୟଙ୍ଗ ଓ ଟିମ୍ ସେଇଫର୍ଟ ପ୍ରଥମ ୱିକେଟ୍ ପାଇଁ ୮୫ ରନ୍ ଯୋଡ଼ି ଦଳକୁ ଭଲ ଆରମ୍ଭ ଦେଇଥିଲେ। ସେଇଫର୍ଟ ୫୮ ରନ୍ କରି ଗୁରନୁର ବ୍ରାରଙ୍କ ବଲ୍ରେ ଆଉଟ୍ ହୋଇଥିଲେ। ଏହାପରେ ନ୍ୟୁଜିଲାଣ୍ଡ କିଛି ୱିକେଟ୍ ହରାଇଥିଲେ ମଧ୍ୟ ୟଙ୍ଗ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ ଜାରି ରଖିଥିଲେ। ୟଙ୍ଗ ୧୦୮ ବଲ୍ରୁ ୧୦୫ ରନର ଶତକୀୟ ଇନିଂସ ଖେଳିଥିଲେ। ତାଙ୍କୁ ଫିନ୍ ଆଲେନ୍ ୪୧ ରନ୍ କରି ସହଯୋଗ କରିଥିଲେ। ଅଧିନାୟକ ମିଚେଲ ସାଣ୍ଟନର ୨୪ ଏବଂ କ୍ରିଷ୍ଟିଆନ କ୍ଲାର୍କ ୨୯ ରନ୍ କରିଥିଲେ। ଶେଷରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୩୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଗୁରନୁର୍ ବ୍ରାର ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ନମନ ଧୀର ଓ ଅର୍ଶଦୀପ ସିଂହ ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ। ୩୩୪ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତର ଆରମ୍ଭ ଅତ୍ୟନ୍ତ ନିରାଶାଜନକ ଥିଲା। ଇନିଂସର ପ୍ରଥମ ବଲ୍ରେ ରୋହିତ ଶର୍ମା ଆଉଟ୍ ହୋଇଥିଲେ। ଏହାପରେ ବିରାଟ କୋହଲି ଓ କାମଚଳା ଅଧିନାୟକ ଶ୍ରେୟସ ଆୟର ମଧ୍ୟ ଖାତା ଖୋଲି ନ ପାରି ହେନରୀଙ୍କ ଶିକାର ହୋଇଥିଲେ। ଫଳରେ ପ୍ରଥମ ଓଭର ଶେଷ ହେବା ପୂର୍ବରୁ ଭାରତ ୩ଟି ୱିକେଟ୍ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ଶୁବମନ ଗିଲଙ୍କ ସ୍ଥାନରେ ଖେଳିବାର ସୁଯୋଗ ପାଇଥିବା ଋତୁରାଜ ଗାଏକ୍ୱାଡ ମଧ୍ୟ ବିଶେଷ କିଛି କରିପାରି ନ ଥିଲେ। ସେ ମାତ୍ର ୫ ରନ୍ କରି କାୟଲ ଜାମିସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଇଶାନ କିଶନ ଓ ଅକ୍ଷର ପଟେଲ କିଛି ସମୟ କ୍ରିଜରେ ରହି ସ୍ଥିତି ସୁଧାରିବାକୁ ଉଦ୍ୟମ କରିଥିଲେ। ହେଲେ ଦଳୀୟ ସ୍କୋର ୫୩ ରନ୍ ହୋଇଥିବା ବେଳେ ଅକ୍ଷର ୨୧ ରନ୍ କରି ମାଥ୍ୟୁ ଫିଶରଙ୍କ ବଲରେ ଆଉଟ୍ ହୋଇଥିଲେ। ପରବର୍ତ୍ତୀ ଓଭରରେ ହେନରୀ ୨୭ ରନ୍ କରିଥିବା ଇଶାନ କିଶନଙ୍କୁ ବୋଲ୍ଡ କରିଥିଲେ। ନମନ ଧୀର ଦୁଇଟି ଛକା ସହ ୨୧ ରନ୍ କରିଥିଲେ ମଧ୍ୟ ଫିଶରଙ୍କ ବଲରେ ଆଉଟ୍ ହୋଇଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଅନ୍ତରର ଅନୁଚ୍ଚାରିତ ଶ୍ରଦ୍ଧାର୍ଘ୍ୟ



ସ୍ୱର୍ଗତା ଚିନ୍ମୟୀ ପାତ୍ର
ଘଡ଼ିଶା ପାଟି, ଗଞ୍ଜାମ
ଆବିର୍ଭାବ - ୦୭.୦୭.୧୯୮୭
ତିରୋଧାନ - ୧୪.୧୧.୨୦୨୪

ପବିତ୍ର କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଦୁଃଖ ସାଗରରେ ଭସାଇ ଦେଇ ନିଜ ଖୁସି କୁ କାଢ଼ିନେଇ ଚାଲିଗଲୁ । ଦୁଇ ବର୍ଷର ମହାର୍ଘ ସମୟ ଅତିକ୍ରାନ୍ତ ହୋଇଛି, ହେଲେ ସମୟର ଏହି ଦୀର୍ଘ ଯାତ୍ରା ଆଜି ମଧ୍ୟ ସମ୍ବୃତ୍ତିର ଦ୍ୱାରଦେଶରେ ଅଟକି ରହିଛି । ଦୁଇ ବର୍ଷର ଏହି ଅନ୍ତରାଳରେ ଆମେ ଅନୁଭବ କରିଛୁ ଅନୁପସ୍ଥିତିର ମଧ୍ୟ ଏକ ନିଜସ୍ୱ ଭାଷା ଅଛି, କିମ୍ବା ହୃଦୟର ଗୋଟିଏ ନିର୍ଦ୍ଦିଷ୍ଟ କୋଣରେ ତୋର ଅନୁପସ୍ଥିତି ଆଜି ମଧ୍ୟ ସେହିପରି ଅନୁଚ୍ଚାରିତ ଶୂନ୍ୟତା ହୋଇ ରହିଛି ।

ଶୋକସନ୍ତପ୍ତ : ବାବା–ଦିବାକର ପାତ୍ର, ମାମା–ପ୍ରତିଭା ପାତ୍ର, ସ୍ୱାମୀ–ଅମୀର ଜାନ, ଦୁଇ ପୁଅ – ଓମ, ସୋହମ,ବଡ଼ ଭାଇ, ଭାଉଜ–ତନୁୟ, ପ୍ରିୟଙ୍କା, ସାନ ଭାଇ ଭାଉଜ – ମନୁୟ, ଅନିତା, ଆଈବୀ–ଆର୍ଯ୍ୟ ।



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ASIA RUGBY EMIRATES U20 SEVENS 2026

ODISHA

BHUBANESWAR

୧୪-୧୫ ନଭେମ୍ବର ୨୦୨୬

କଳିଙ୍ଗ ଷ୍ଟାଡ଼ିୟମ୍

ନିଃଶୁଳ୍କ ପ୍ରବେଶ



କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି